Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ଆଧ୍ୟାତ୍ମ ପତ୍ରିକା

ଏକବିଂଶ ବର୍ଷ ◆ପଞ୍ଚମ ସଂଖ୍ୟା ◆ଅକ୍ଟୋବର ୨୦୧୧

Have faith and He will do everything for you.

**- The Mother**

*ବିଶ୍ୱାସ ରଖ ଭଗବାନ ତୁମ ପାଇଁ ସବୁକିଛି କରିଦେବେ ।*

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

# ୨୪ ନଭେମ୍ବର ୨୦୧୧



ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ୮୫ତମ
ପବିତ୍ର ସିଦ୍ଧି ଦିବସରେ **'ମାତୃଭବନ ପତ୍ର'** ଓଡ଼ିଶାର
ମାତୃସନ୍ତାନମାନଙ୍କ ସହିତ ସେମାନଙ୍କ ଚରଣ କମଳରେ
କୃତଜ୍ଞତାପୂର୍ଣ୍ଣ ବିନମ୍ର ପ୍ରଣତି ଜଣାଉଛି ।

# ବାବାଜି ମହାରାଜଙ୍କ ପତ୍ରାବଳୀ.......

**୯.୬.୭୮ :** ୫.୬.୭୮ ଦିନ ସକାଳେ ମେସେଜ ଦିଆହୋଇଥିଲା। ୪.୩୦ରେ ଜିମ୍‌ନାସିୟମ ହଲ ଉଦ୍‌ଘାଟନ ହେଲା। ୭.୪୫ରେ ପ୍ଲେଗ୍ରାଉଣ୍ଡରେ ଧ୍ୟାନ ହୋଇଥିଲା। ବାହାରୁ ବହୁତ ଭିଜିଟର ଆସିନଥିଲେ। ଆଜି କାଲି ପ୍ରତିଦିନ ଭିଜିଟର ଆସୁଛନ୍ତି, ସେଦିନ ମଧ୍ୟ ଶହେ ଦୁଇ ଶହ ହୋଇଥିବେ।

ଆପଣଙ୍କ ନାମରେ ଆସିଥିବା ଚିଠି ପଠାଉଅଛି। ଡାଲିଯୋଡ଼ାରେ ଯେଉଁ ବ୍ୟବସ୍ଥା କରାହେଲା ଭଲ ହେଲା। ବର୍ଷା ପୂର୍ବରୁ ଛାତ ପଡ଼ିବା ବହୁତ ଆବଶ୍ୟକ।



**୧୩.୬.୭୮ :** ଆପଣଙ୍କ ୭.୬.୭୮ ପତ୍ର ଗତକାଲି ପାଇଥିଲି। ୬.୬.୭୮ ପତ୍ର ଆଜି ପାଇଲି। ଆପଣଙ୍କ ଶରୀର ସୁସ୍ଥ ଅଛି। ଡାଲିଯୋଡ଼ାରେ ସାଧକ ଭାଇମାନେ ଆନ୍ତରିକତା ସହ କର୍ମ କରୁଛନ୍ତି ଜାଣି ଖୁସି ହେଲି। ଶରୀର ରୂପାନ୍ତର ସକାଶେ ମା'ଙ୍କ ସେବା ଭାବରେ କର୍ମ ଅନିବାର୍ଯ୍ୟ। କାର୍ଯ୍ୟ ମଧ୍ୟରେ ମା'ଙ୍କ କୃପା ଅନୁଭବ କରୁଅଛନ୍ତି, ଏହା ମା'ଙ୍କ କୃପା ତଥା ନିରାଟ ସତ୍ୟ। ୫.୬.୭୮ -ଏହି ଦିନ ଉତ୍ତମ। କିନ୍ତୁ ଯିଏ ଯେଉଁଠାରେ ରହିବେ ଆନ୍ତରିକତା ସହ ଚାହିଁଲେ ନିଶ୍ଚୟ ଅନୁଭବ କରିବେ। ଡାଲିଯୋଡ଼ା ମା'ଙ୍କ ସ୍ଥାନ। ସେଠାରେ ମା'ଙ୍କର ଉପସ୍ଥିତି ଅଛି। ମା'ଙ୍କ ଦ୍ୱାରା ପରିଚାଳିତ ହେଉଛି, ଏହି ଭାବ ଯେତେ ଦୃଢ଼ ଭାବେ ରଖିବା ତେତେ ପ୍ରତ୍ୟକ୍ଷ ଅନୁଭୂତି ମଧ୍ୟ ହେବ। ସେଠାରେ ପ୍ରତିକୂଳ ଭାବ ରଖିବା ବ୍ୟକ୍ତି ରହି ପାରିବେ ନାହିଁ। ଆଜି ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରୁ କେହି ଆସିନାହାନ୍ତି। ୯/୬ରୁ ଏଠାରେ ମେଘ ଧରିଛି। ସେଠାରେ ବୋଧହୁଏ ବର୍ଷା ହୋଇଥିବ। ମା'ଙ୍କ କୃପାରୁ ଛାତ ପଡ଼ିଯାଇଥିବ। ଆପଣ ୧୬/୬ରେ ଆସିବା ଜାଣି ଖୁସି ହେଲି। ଆପଣ ଆସିଲେ ଖୁବ୍ ଭଲହେବ। ପ୍ରେସ ତଥା ଅଫିସର ଭାଇମାନଙ୍କର ପ୍ରଣାମ ନେବେ।

**୧୨.୬.୭୮ :** ଆଜି ବର୍ତ୍ତମାନ ଆପଣଙ୍କ ପତ୍ର ଏବଂ ସିଲିଙ୍ଗ ଜଜ୍‌ମେଣ୍ଟର ଅଳ୍ପ ନକଲ ପାଇଛି। ଏଠାରେ ଖବର ସବୁ ଭଲ। ଡାଲିଯୋଡ଼ାରେ ଛାତ ପଡ଼ିଯାଇଥିବ। ଏଠାରେ ଦୁଇଦିନ ହେଲା ମେଘ ଘୋଡ଼େଇଛି ଏବଂ ଅଳ୍ପ ବର୍ଷା ମଧ୍ୟ ହୋଇଛି। ନବଜ୍ୟୋତି ତଥା ପ୍ରେସ ଭାଇମାନଙ୍କର ପ୍ରଣାମ ନେବେ।

**୧୭.୧.୮୭ :** ଆପଣଙ୍କ ୧୩.୧.୮୭ ପତ୍ର ଆଜି ୧୭.୧.୮୭ରେ ପାଇଲି। ଶ୍ରୀମାଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି। ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ମହିଳା ସେମିନାର ସକାଶେ ପଠାଉଅଛି। ମା'ଙ୍କ କୃପାରୁ ମହିଳା ସେମିନାର ଖୁବ୍ ଭଲହେବ। ବର୍ତ୍ତମାନ ଯେଉଁ ଅତିମାନସ ସତ୍ୟଯୁଗ ପୃଥିବୀରେ ପ୍ରତିଷ୍ଠା ହେବାକୁ ଯାଉଛି ସେଥିରେ ନାରୀମାନଙ୍କର ବିଶେଷ ଭୂମିକା। ଏହି କାରଣରୁ ମହିଳା ସେମିନାରର ବହୁତ ଆବଶ୍ୟକତା ତଥା ମହତ୍ୱପୂର୍ଣ୍ଣ ଉପଯୋଗୀତା।

ପୃଥିବୀ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଆଧାତ୍ମିକ ସତ୍ୟ ପ୍ରଚାରରେ ମହିଳାମାନଙ୍କର ବିଶେଷ

ଭୂମିକା ନଥିଲା । ଥିଲା ପୁରୁଷମାନଙ୍କର । କାରଣ ଆଜି ପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମ ସତ୍ୟ ପୃଥିବୀରେ କ୍ରିୟା କରିଛି ତାହା ଥିଲା ସଂସାର ତ୍ୟାଗ, ମୁକ୍ତି, ନିର୍ବାଣ, ଭଗବତ ପ୍ରାପ୍ତି । ଏହା ଦ୍ୱାରା ସଂସାରର ଅଧର୍ମ ହ୍ରାସ ହେଉଥିଲା, ଧର୍ମର ବୃଦ୍ଧି ହେଉଥିଲା । ସ୍ଥାୟୀ ରୂପେ ଅଧର୍ମ ହ୍ରାସ, ଧର୍ମ ବୃଦ୍ଧି ହେଉନଥିଲା । କାରଣ ଶାସନକାରୀ ଅନ୍ଧକାର ଶକ୍ତିର ରୂପାନ୍ତର ହେଉନଥିଲା କିମ୍ବା ତାକୁ ଶାସନରୁ ନିପତିତ କରାହେଉନଥିଲା । ସେ ସକାଶେ ମହିଳାମାନଙ୍କର ଅଧ୍ୟାତ୍ମ ସତ୍ୟ ଗ୍ରହଣରେ ବିଶେଷ ଭୂମିକା ନଥିଲା ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମନର ବିକାଶ ସମାପ୍ତ ହେବାରୁ ପୃଥିବୀରେ ଅତିମାନସ ସତ୍ୟ ଏବଂ ଚେତନାର ପ୍ରତିଷ୍ଠା ସମୟ ଆସିଲା । ଏହି କାର୍ଯ୍ୟ କରିବାକୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ମନୁଷ୍ୟ ଶରୀର ଧାରଣ କରି ଆସି ଅତିମାନସ ସତ୍ୟ ଏବଂ ଶକ୍ତିକୁ ଏହି ପୃଥିବୀକୁ ଉତ୍ତାରି ଆଣି ପ୍ରତିଷ୍ଠା କରିଅଛନ୍ତି । ଏହି ଶକ୍ତି ବ୍ୟକ୍ତିମାନଙ୍କ ମଧ୍ୟରେ ରୂପାନ୍ତର କରିବା ଅନୁପାତରେ ପୃଥିବୀରୁ ଅନ୍ୟାୟ ଅସତ୍ୟ, ମିଥ୍ୟାଚାର ଏବଂ ଅନ୍ଧକାର ଶକ୍ତିର ଶାସନ କମ୍ ହେବାକୁ ଲାଗିବ । କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଦୁଃଖ କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବେ । ସେମାନଙ୍କର ହେବ ଅତିମାନସ ଚେତନା । ସେମାନଙ୍କର ମନ ପ୍ରାଣ ଶରୀର ପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ କରିବ ଭଗବାନଙ୍କ ସହିତ । ପରିଚାଳିତ ହେବ ଭଗବାନଙ୍କ ଅତିମାନସ ଶକ୍ତିଦ୍ୱାରା । ଏହା ଫଳରେ ସଂସାରର ଅନ୍ଧକାର ଶକ୍ତି ସ୍ୱୟଂ ରୂପାନ୍ତର ହେବ । ତାର ଆଉ ଶାସନ ରହିବ ନାହିଁ । ସଂସାରରୁ ସମ୍ପୂର୍ଣ୍ଣରୂପେ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଯୁଦ୍ଧ ବିଗ୍ରହ, ଚୋରି, ଡକାୟତି ଇତ୍ୟାଦି ଚାଲିଯିବ । ସଂସାର ସ୍ୱର୍ଗରେ ପରିଣତ ହେବ । ପୃଥିବୀରେ ଅତିମାନସ ଚେତନା, ଅତିମାନସ ଜାତି ପ୍ରତିଷ୍ଠା ହେଉଥିବାରୁ ଏହି କାର୍ଯ୍ୟରେ ନାରୀମାନଙ୍କର ବିଶେଷ ମହତ୍ୱପୂର୍ଣ୍ଣ ଭୂମିକା ।

ନାରୀମାନଙ୍କର ହୃଦୟ ସରଳ । ପୁରୁଷମାନଙ୍କ ସଦୃଶ ସେମାନେ ମସ୍ତିଷ୍କ ପ୍ରଧାନ ନୁହଁନ୍ତି । ସେମାନେ ହୃଦୟ ପ୍ରଧାନ । ସତ୍ୟ ମସ୍ତିଷ୍କ ବା ମନଦ୍ୱାରା ଗ୍ରହଣ ହୁଏ ନାହିଁ । ହୁଏ ହୃଦୟ ଦ୍ୱାରା । ଯେଉଁ ବ୍ୟକ୍ତିର ହୃଦୟ ଉନ୍ମୁକ୍ତ ନଥାଏ ମସ୍ତିଷ୍କ ବା ମନ ବୁଦ୍ଧି ଅସାଧାରଣରୂପେ ବିକାଶ ହୋଇଥାଏ ସେମାନେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିପାରନ୍ତି ନାହିଁ । ନାରୀମାନଙ୍କର ହୃଦୟ ସରଳ ଥିବାରୁ ସେମାନେ ଏହି ଅତିମାନସ ସତ୍ୟକୁ ସହଜରେ ଗ୍ରହଣ କରିବେ । ଏହା ସହିତ ସେମାନଙ୍କର ସଂସ୍କାର ଅଧିକ ପଡ଼େ ନିଜ ସନ୍ତାନମାନଙ୍କ ଉପରେ ତଥା ପରିବାର ଉପରେ । ଗୋଟିଏ ନାରୀ ଏହି ସତ୍ୟକୁ ଗ୍ରହଣ କରିବା ଦ୍ୱାରା ସମସ୍ତ ପରିବାରକୁ ପରିବର୍ତ୍ତନ କରିପାରିବ ତଥା ତାର ପ୍ରଭାବ ଗ୍ରାମରେ ମଧ୍ୟ ପଡ଼ିବ । ଏହି କାରଣରୁ ମହିଳା ସେମିନାର, ମହିଳା ପାଠଚକ୍ରର ବହୁତ ଆବଶ୍ୟକତା ଏବଂ ବହୁତ ଉପଯୋଗୀତା ।

**ପ୍ରଶ୍ନ :** ଆଜି ପର୍ଯ୍ୟନ୍ତ ଅଧ୍ୟାତ୍ମ ମାର୍ଗ ପଥ ପ୍ରଦର୍ଶକ ଗୁରୁ, ଆଚାର୍ଯ୍ୟ, ମହାପୁରୁଷ ଋଷି, ମୁନି ବହୁ ସଂଖ୍ୟାରେ ପୁରୁଷ ହୋଇଅଛନ୍ତି । ନାରୀମାନଙ୍କ ମଧ୍ୟରୁ ବହୁତ କମ୍ । ଅଙ୍ଗୁଳିରେ ଗଣାଯାଇପାରେ ଖୁବ୍ କମ୍ ସଂଖ୍ୟା । ଜଣେ ନାରୀ ବି ଆଚାର୍ଯ୍ୟ ସ୍ଥାନର ଅଧିକାରିଣୀ ହୋଇନାହାନ୍ତି । ଆଜି ନାରୀମାନଙ୍କର ଏହି ଅତିମାନସ ସତ୍ୟ ଏବଂ ଚେତନା ପ୍ରତିଷ୍ଠାରେ ଏତେ ଗୁରୁତ୍ୱ ଦେବାର କାରଣ କ'ଣ ?

**ଉତ୍ତର :** କାରଣ ବହୁତ ସ୍ପଷ୍ଟ । ଆଜି ପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମିକ ସତ୍ୟ ସମୟ ସମୟରେ ପୃଥିବୀରେ ପ୍ରତିଷ୍ଠା ହୋଇ ଆସିଥିଲା ତାହା କେବଳ ଧର୍ମକୁ ଉତ୍‌ଥାନ କରିବା ସକାଶେ ।

ପୃଥିବୀର ଶାସନକାରୀ ପ୍ରକୃତି ରୂପାନ୍ତର ନଥିଲା କିମ୍ବା ପୃଥିବୀରେ ସ୍ଥାୟୀ ଅତିମାନସ ସତ୍ୟ ଚେତନା ପ୍ରତିଷ୍ଠାର ସମୟ ଆସିନଥିଲା। ସେ ସମୟରେ ନାରୀମାନଙ୍କର ଥିଲା ଦୃଢ଼ରୂପେ ପାତିବ୍ରତ ଧର୍ମ ପାଳନ। ସେମାନଙ୍କ ପାତିବ୍ରତ ଧର୍ମ ପାଳନ ପ୍ରଭାବରେ ଭାରତ ବର୍ଷରେ - ଭଗବାନ ଋଷି ମୁନି ମହାପୁରୁଷ, ଆଚାର୍ଯ୍ୟ ସାଧୁସନ୍ଥଙ୍କ ମା' ହୋଇପାରିଥିଲେ, ସେମାନଙ୍କୁ କୋଳରେ ଧାରଣ କରି ସେମାନଙ୍କ ବାଲ୍ୟଲୀଳା ଅନୁଭବ ଆନନ୍ଦ ପ୍ରାପ୍ତ କରିଥିଲେ। ସେମାନଙ୍କୁ ଖେଳେଇ ଲାଳନ ପାଳନ କରି ନିଜ ଜୀବନକୁ ସାର୍ଥକ କରିଥିଲେ। ବର୍ତ୍ତମାନର ନାରୀମାନେ ସତ୍ୟକୁ ଗ୍ରହଣ କଲେ ସେମାନଙ୍କର ପାତିବ୍ରତ୍ୟ ଧର୍ମ ସ୍ୱାଭାବିକ ରୂପେ ପାଳନ ହେବ। ସେମାନେ ଅତିମାନସ ସତ୍ୟ ଯୁଗର ଅଗ୍ରଦୂତ ପୁତ୍ର କନ୍ୟାଙ୍କର ଜନନୀ ହୋଇପାରିବେ। ସେମାନଙ୍କୁ ବାଲ୍ୟାବସ୍ଥାରୁ ଅତିମାନସ ସତ୍ୟର ଶିକ୍ଷାଦେବେ। ସେହିମାନଙ୍କର ସନ୍ତାନ ସନ୍ତତି ଅତିମାନସ ସତ୍ୟ ପ୍ରତିଷ୍ଠାର ଅଗ୍ରଦୂତ ରୂପେ ବାଲ୍ୟାବସ୍ଥାରୁ ବ୍ରହ୍ମଚର୍ଯ୍ୟ ପାଳନ କରି ବିବାହ ନକରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଶିକ୍ଷୟିତ୍ରୀ ହୋଇପାରିବେ। ଆଶ୍ରମମାନଙ୍କରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ସାଧନା କରିବେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଗାର୍ହ୍ୟସ୍ଥ୍ୟାଶ୍ରମରେ ରହିବେ ସେମାନେ ଗୃହରେ, ଗ୍ରାମରେ ପାଠଚକ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବେ। ଗ୍ରାମମାନଙ୍କରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର କରିବେ ଏବଂ ପାଠଚକ୍ର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଇବେ। ସାଂସାରିକ ଯେଉଁ କାର୍ଯ୍ୟ କରିବେ ଦକ୍ଷତା ସହ କରିପାରିବେ। ସେମାନେ ଅଧ୍ୟାତ୍ମ ଅତିମାନସ ସତ୍ୟ ମାର୍ଗରେ ଅଗ୍ରସର ହେବା ସତ୍ତ୍ୱେ ସଂସାର ଉନ୍ନତିର କାର୍ଯ୍ୟ କରିପାରିବେ। ଏହି କାରଣରୁ ଏହି ରୂପାନ୍ତର ଯୋଗରେ ନାରୀମାନଙ୍କର ବିଶେଷ ଭୂମିକା।

**୩୧.୩.୭୫ :** ଶ୍ରୀଯୁକ୍ତ ପ୍ରେମ ମଲ୍ଲିକ ଏଠାରୁ ୨.୪.୭୫ରେ ଯାତ୍ରାକରି ମାଡ୍ରାସରୁ ପ୍ଲେନରେ କଲିକତା ଯିବେ। କଲିକତାରୁ ଅପ୍ରେଲ ତିନି, ଦିନ ଗୋଟାକରେ ପ୍ଲେନଦ୍ୱାରା ଭୁବନେଶ୍ୱର ଏରୋଡ୍ରମରେ ପହଞ୍ଚିବେ। ନବଜ୍ୟୋତି ତଥା ପ୍ରେସ ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ। ମୋର ପୂର୍ବର ସମସ୍ତ ଚିଠି ପାଇଥିବେ। ଆଶ୍ରମ ଖବର ସବୁ ଭଲ। କିରିଟ ଭାଇ ବୋଧହୁଏ ଦିଲ୍ଲୀରୁ ଆସିପାରନ୍ତି। ଉତ୍ସବବାବୁ ଆପଣଙ୍କ ନାମରେ ପଠାଇଥିବା ରେଜିଷ୍ଟ୍ରି ଚିଠି ଆଜି ମିଳିଲା।

**୫.୭.୭୭ :** ମୋ ପତ୍ର ସବୁ ପାଇଥିବେ। ଆପଣଙ୍କ ପତ୍ର ଏବଂ ତାର ପାଇଛି। ଭୋଳେଶ୍ୱର ବାବୁ ବୋଧହୁଏ ଆଜି ସକାଳେ ୧୦ଟାରେ ପହଞ୍ଚିବେ।

ଛୋଟେନାରାୟଣଜି ବାହାରଯିବା ସକାଶେ ଠିକ କରିଥିଲେ କିନ୍ତୁ ଘରର କାର୍ଯ୍ୟ ଶେଷ ନହେବାରୁ ତାଙ୍କୁ ରହିବାକୁ ହେଲା। ତାଙ୍କ ପାସ ଆଜି ପଠାହୋଇଛି। ଆପଣ ଆସିଲେ ସେ ଯିବେ। ମା'ଙ୍କ କୃପାରୁ ଆଉ ସବୁ ଭଲ। ନିତ୍ୟାନନ୍ଦ ବାବୁଙ୍କ ଦ୍ୱାରା ପତ୍ର ପଠାଉଅଛି। ଆପଣ ପାଇଥିବେ। ସମସ୍ତ ଭାଇମାନଙ୍କର ପ୍ରଣାମ ନେବେ।

**୮.୭.୭୭ :** ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଉତ୍ସବ ଅତ୍ୟନ୍ତ ଉତ୍ତମ ରୂପେ ହୋଇଥିବା ଖବର ପାଇ ବିଶେଷ ଖୁସି ହେଲୁ। ଭୋଳେଶ୍ୱର ବାବୁ ମଧ୍ୟ ୬.୭.୭୭ରେ ପହଞ୍ଚି ଅଛନ୍ତି।

ପ୍ରଦ୍ୟୁତ୍ ଦା ଆସି ଗଲେଣି। ସୋସାଇଟି ଏକ୍ସନକୁ ରେଲକନ୍‌ସେସନ୍ ଫର୍ମ ଦେଇଦେଇଛି। ଏକ୍ସନର ଜଣେ ମେମ୍ବର ହେଲେ କେଇ ଖଣ୍ଡ ଫର୍ମ ମିଳିପାରିବ। ଜଣେ ମେମ୍ବର ହେବ, ଅନ୍ୟମାନଙ୍କ ନାମ ଦେବ।

ଜଣେ ମେମ୍ବରର ପରିବାର ଆସିପାରିବେ। ଜଣେ ମେମ୍ବର ସଙ୍ଗେ କେଇଜଣ ଡେଲିଗେସନ ବି ଆସିପାରିବେ। ମଧୁବାବୁ ଚିଠି ଲେଖିଥିଲେ। ତାଙ୍କୁ ଏକ୍‌ସନର ମେମ୍ବର କରାଇ ୫/୭ ଖଣ୍ଡ ଫର୍ମ ତାଙ୍କ ପାଖକୁ ଦିନେ ଦୁଇଦିନ ମଧ୍ୟରେ ପଠାଇଦେବି।

ଆଉ କୌଣସି ନୂଆ କଥା ଏଠାରେ ଘଟିନାହିଁ। ହିମାଂଶୁ ନିୟୋଗି ଏବଂ ନନ୍ଦି ଆସିଛନ୍ତି। ପୁରୀ ଶ୍ରୀଅରବିନ୍ଦ ଧାମ ସମ୍ବନ୍ଧେ ନନ୍ଦିବାବୁଙ୍କର ବହୁତ ଆଗ୍ରହ। ସେ ଅନୁଷ୍ଠାନ ଭବିଷ୍ୟତରେ ବହୁତ ବିକାଶ ହେବ।

ସମସ୍ତ ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ। ଛୋଟେନାରାୟଣଜି ଆପଣଙ୍କ ପତ୍ର ପାଇ ଉତ୍ତର ଦେଇଛନ୍ତି। ତାଙ୍କ ଘରେ ରିତା, ପ୍ରମିଳା ଅଛନ୍ତି। ସେମାନଙ୍କୁ ଓଡ଼ିଆନିଳୟମ୍ କିମ୍ବା ଓଡ଼ିଶା ଗେଷ୍ଟ ହାଉସରେ ଗୋଟିଏ ରୁମ୍ ରହିବାକୁ ଦିଆ ହେବ। ତାଙ୍କର ଯେଉଁ ଦୁଇଟି ରୁମ ଖାଲି ହେବ ସେଥିରେ ଭିଜିଟର ରଖାହେବ। ଗୋଟିଏ ବାରଣ୍ଡା ବି ଅଛି। ସେଠାରେ ଦର୍ଶନ ସମୟରେ ଦୁଇଟି ପରିବାର ୧୫ଜଣ ରହିପାରିବେ।

**୨୮.୬.୭୭ :** ଆପଣଙ୍କ ୨୪.୬.୭୭ ପତ୍ର ଆଜି ପାଇଲି। ଆପଣଙ୍କ ଶରୀର ଭଲ ଅଛି। ଭଲରେ ପହଞ୍ଚିଥିବା ଜାଣି ଖୁସୀ ହେଲି। ମୋ ଚିଠି ପାଇଥିବେ। କେନାଲ ଜମି ବିଷୟରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପି.ଡ଼ବ୍ଲୁ.ଡିକୁ ଲେଖି ଦେଇ ସାରିଛନ୍ତି। ଛୋଟେନାରାୟଣଜି ପି.ଡବ୍ଲ୍ୟୁ.ଡ଼ି ଡାଇରେକ୍ଟରକୁ ଦେଖାକରି କହିଛନ୍ତି। ସେ କହିଛନ୍ତି ସେହି ଫାଇଲ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ପାଖକୁ ପୁନରାଏ ପଠାଇବେ ପୁନବିଚାର ସକାଶେ। ଛୋଟେନାରାୟଣଜି ବି ଚେଷ୍ଟାକରୁଛନ୍ତି। ମା'ଙ୍କ କୃପାରୁ ଯାହାହେବ। ଅଫିସ ପ୍ରେସ ଭାଇମାନଙ୍କର ପ୍ରଣାମ ନେବେ। ଭିତ୍ତି ସ୍ଥାପନ କାର୍ଯ୍ୟ ଉତ୍ତମ ରୂପେ ହେବ। ଆପଣଙ୍କ ପତ୍ର ଦ୍ୱାରା ଖବର ମିଳିଯିବ। ଏଠାରେ ଆଉ ନୂଆ ଖବର ନାହିଁ। ଏଠାରେ ସବୁ ଭଲ।

**୨୮.୭.୭୮ :** ଆଜି ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର ଛାତ ପଡ଼ିବା ଦିନ। ମା'ଙ୍କ କୃପାରୁ ପାଗ ଭଲ ରହୁ। ଛାତ ପଡ଼ିବା କାର୍ଯ୍ୟଟି ସୁରୁଖୁରୁରେ ସମାପ୍ତ ହେଉ। ଏହାହିଁ ଶ୍ରୀମା'ଙ୍କ ଚରଣରେ ନିବେଦନ। ତାରଦ୍ୱାରା ମା'ଙ୍କ ଆଶୀର୍ବାଦ ପଠାଇଥିଲି ପାଇଥିବେ। ଏଠାରେ ପ୍ରତିଦିନ ଅଳ୍ପ ଅଳ୍ପ ବର୍ଷା ହେଉଥିଲା। କିନ୍ତୁ କାଲି ୨୭.୭ରେ ବହୁତ ବର୍ଷା ହୋଇଥିଲା। ଆଜି ସକାଳୁ ଖରା ହୋଇଛି କିନ୍ତୁ ମେଘ ଧରିଛି।

ଲୁଧିଆନାରୁ ଛୋଟେନାରାୟଣଜି ଚିଠି ଲେଖିଛନ୍ତି, ସେଠାରେ ଖୁବ୍ ଭଲ ସେମିନାର ହେଲା। ସେ ପ୍ରାୟ ଅଗଷ୍ଟ ପ୍ରଥମ ସପ୍ତାହରେ ଏଠାକୁ ଆସିପାରନ୍ତି।

ଆପଣଙ୍କ ନାମରେ ଆସିଥିବା କିଛି ଚିଠି ଏହି ପତ୍ର ସହିତ ପଠାଉଅଛି।

ଅନ୍ୟାନ୍ୟ କାର୍ଯ୍ୟ ସବୁ ଭଲଭାବେ ଚାଲିଛି। ପୂର୍ବ ଚିଠିରେ ଲେଖିଥିଲି, "ଶ୍ରୀମାଧବ ପଣ୍ଡିତଙ୍କ ପ୍ରୋଗ୍ରାମ ଦର୍ଶନ ପରେ ଓଡ଼ିଶାରେ ରଖାନହେଉ।" ତାଙ୍କ ଶରୀର ଭଲ ନାହିଁ। ସେ ବିଶ୍ରାମ ନେବାକୁ ଚାହୁଁଛନ୍ତି। ସେ ଆନ୍ଧ୍ରରୁ ପତ୍ର ଦ୍ୱାରା ଲେଖିଥିଲେ।

ପ୍ରେସ ତଥା ଅଫିସର ସମସ୍ତ ଭାଇମାନଙ୍କର ପ୍ରଣାମ ନେବେ।

ଶ୍ରୀକ୍ଷେତ୍ରରେ ଷ୍ଟୋରଟିଏ ଖୋଲିଲେ ବହୁତ ଭଲ ହେବ। ଶ୍ରୀକ୍ଷେତ୍ରରେ ବହୁତ କାମ ଅଛି। ସିମେଣ୍ଟ ଦରକାର ହେବ। ଯଦି ମିଳିଛି ତାକୁ ନେଇନେବା ଠିକ ହେବବୋଲି ମନେହୁଏ। କିନ୍ତୁ ଭଲ ସ୍ଥାନରେ ରଖିବାକୁ ହେବ। ଅନ୍ୟଥା ବର୍ଷା ପରେ ନେଲେ ଭଲହୁଅନ୍ତା।

*ଆପଣଙ୍କର ଶୁଭଚିନ୍ତକ*
*ଶ୍ରୀ ରାମକୃଷ୍ଣ ଦାସ*

# କଥାରେ କଥାରେ...

ଦାଦା କହିଲେ, ବହରମପୁରର ଲାଲଗୋଲାର ମହାରାଜା ଯୋଗୀନ୍ଦ୍ରନାରାୟଣ ରାଓ ଥିଲେ ମୋର ଜେଜେବାପାଙ୍କ ସାଙ୍ଗ । ଆମ ଘରକୁ ମହାରାଜା ଆସୁଥିଲେ । ଥରେ ଆସି ପ୍ରାୟ ଦଶଦିନ ଥିଲେ । ମହାରାଜାଙ୍କର ଖାଇବା ଥିଲା ଅଦ୍ଭୁତ । ଏକ ଦିସ୍ତା ମୋଟା ମୋଟା ରୁଟି ଆଉ ବଡ଼ ଗୋଟିଏ ବେଲାରେ ତରଳ ଘିଅ । ବେଲାର ଘିଅରେ ରୁଟିକୁ ବୁଡ଼େଇ ମହାରାଜା ଖାଉଥିଲେ । ଆଉ କିଛି ନୁହେଁ । ମହାରାଜା ଲୁଚେଇ ଲୁଚେଇ ଆମ ଘରର ମାରଫତ ଜେଜେବାପାଙ୍କ ହାତରେ ଦେଶର ବିପ୍ଲବୀ ଆନ୍ଦୋଳନ ପାଇଁ ଟଙ୍କା ସାହାଯ୍ୟ କରୁଥିଲେ । ବିପ୍ଲବୀ ଦଳଙ୍କର ଏହିପରି ଟଙ୍କା ଯୋଗାଡ଼ ହେଉଥିଲା । ଶୁଣିବାକୁ ମିଳେ ମହାରାଜାଙ୍କର ପୂର୍ବପୁରୁଷମାନେ ଦୁର୍ଦ୍ଧର୍ଷ ଜଳଦସ୍ୟୁ ଡକାୟତ ଥିଲେ । ଡକାୟତି କରି ବହୁତ ଟଙ୍କା ହେଲେ ଜମିଦାରୀ କିଣି ରାଜା ହୁଅନ୍ତି । ସେହି ସମୟରେ ଉତ୍ତର ଓ ପୂର୍ବବଙ୍ଗର ଅନେକ ରାଜାମାନଙ୍କର ପୂର୍ବପୁରୁଷମାନେ ଡକାୟତ ଥିଲେ ।

ଲାଲଗୋଲାର ରାଜାମାନଙ୍କର ଆଦି ନିବାସ ଥିଲା ବିହାରରେ । ଉପାଧି ଥିଲା ରାଓ । ପରେ ସେମାନେ ବଙ୍ଗାଳୀ ହୋଇଥିଲେ । ରାଓରୁ ହୁଅନ୍ତି ରାୟ । ବହରମପୁରର ଏଡୋୟାର୍ଡ ରିକ୍ରିଏସନ କ୍ଲବର ନାମ ହେଲା ମହାରାଜା ଯୋଗୀନ୍ଦ୍ରନାରାୟଣ କ୍ଲବ । ଏହି କ୍ଲବରେ ନାଟକ ଥିଏଟର ହେଉଥିଲା । ଥରେ ଗୋଟିଏ ମଜା ଘଟଣା ହୋଇଥିଲା । ମୋଟାକାକା ସେହି କ୍ଲବର ହଲରେ ଥିଏଟର କରୁଥିଲେ । ସ୍ୱଦେଶୀ ବିପ୍ଲବୀମାନଙ୍କୁ ନେଇ ନାଟକ । ମୋଟାକାକା ବିପ୍ଳବୀ ନେତାର ପାର୍ଟ କରୁଥାନ୍ତି ।

ଅଭିନୟର ଗୋଟିଏ ଦୃଶ୍ୟରେ ଥିଲା, କେତେଜଣ ବିପ୍ଲବୀଙ୍କୁ ପୋଲିସ ଗିରଫ କରି ନେଇଯାଉଛନ୍ତି । ଅଗ୍ନନକ ବିପ୍ଲବୀ ନେତା ଆସି ବନ୍ଦୀ ବିପ୍ଳବୀମାନଙ୍କର ପିଠି ଥାପୁଡ଼େଇ ସାବାସ ଦେବା କଥା । ମୋଟାକାକା ନେତାର ପାର୍ଟ କରୁଥାନ୍ତି । ସେ ଭୁଲରେ ବିପ୍ଳବୀ ବନ୍ଦୀମାନଙ୍କ ବଦଳରେ ପୋଲିସମାନଙ୍କର ପିଠି ଥାପୁଡ଼େଇ ବାହାବା ଦେବାକୁ ଲାଗିଲେ । ଦର୍ଶକମାନେ ପ୍ରଥମରେ ଟିକିଏ ବିଭ୍ରାନ୍ତ ହେଲେ । ପରେ ମୋଟାକାକାଙ୍କର ଭୁଲ ବୁଝିପାରି ସେମାନେ ହସିବାକୁ ଲାଗିଲେ ।

***

ଦାଦା କହୁଥିଲେ, ଅଶ୍ରମକୁ ଆସିବା ପୂର୍ବରୁ ବହରମପୁରରେ ରହୁଥିବା ସମୟରେ ମୋଟାକାକାଙ୍କର ବ୍ୟବସାୟ କରିବାର ବିଭିନ୍ନ ପ୍ରକାରର ବୁଦ୍ଧି ମୁଣ୍ଡକୁ ଆସୁଥିଲା । ଗୋଟିଏ ଗୋଟିଏ ବ୍ୟବସାୟ କରୁଥିଲେ ଆଉ ତାହା ଫେଲ ମାରୁଥିଲା । ଏହିପାରି ଆମ୍ଭମାନଙ୍କର କେତେଗୁଡ଼ିଏ ଘର ବ୍ୟବସାୟର ଉନ୍ନତି ନିମନ୍ତେ ବିକ୍ରି ହୋଇଯାଇଥିଲା । ମୋଟାକାକା ଗୋଟିଏ ବ୍ୟବସାୟ କରନ୍ତି ଆଉ ଗୋଟିଏ ଘର ବିକ୍ରି ହୁଏ । କ୍ରମାଗତ ଲୋକସାନ । କ୍ରମାଗତ ଧାରଉଧାର । ଶେଷ ପର୍ଯ୍ୟନ୍ତ insolvency declare କରିବାକୁ ହୁଏ । ତା'ପରେ ସେ ଆଶ୍ରମକୁ ଚାଲି ଆସନ୍ତି ।

ଦାଦା କହିଲେ, ମୋଟାକାକାଙ୍କର ଉପସ୍ଥିତ ବୁଦ୍ଧି ଥିଲା । ପ୍ରଚେଷ୍ଟା ମଧ୍ୟ କମ ନଥିଲା । କିନ୍ତୁ ସବୁଥିଲେ କ'ଣ ହେବ, ମା' ତାଙ୍କ ପାଇଁ ଯେ ଆଶ୍ରମଜୀବନ ସାଧନାର ଜୀବନ ନିର୍ଦ୍ଦିଷ୍ଟ କରି ରଖିଛନ୍ତି ସେଥିପାଇଁ ବାହାରର ଜୀବନରେ ସଫଳତା ଦେଇନାହାନ୍ତି । ଯାହା ଧରିଛନ୍ତି ସେଥିରେ ଫେଲ । ଭଗବାନଙ୍କର

ଏପରି ଲୀଳା କାହାର କାହାର ଜୀବନରେ ହୁଏ। ସବୁ ଥିବା ସତ୍ତ୍ୱେ ବାହାରର ଜୀବନରେ ବିଫଳ। କାରଣ ସେଥିପାଇଁ ଭଗବାନ ଅନ୍ତରଜୀବନରେ ଅଧ୍ୟାତ୍ମଜୀବନର ସଫଳତା ନିର୍ଦ୍ଧାରିତ କରି ରଖିଛନ୍ତି। ଭଗବାନ ଯାହାକୁ କୃପା କରନ୍ତି ଅନେକ ସମୟରେ ତାହାର ବାହାରର ଜୀବନରେ ନଷ୍ଟ ଭ୍ରଷ୍ଟ କରିଦିଅନ୍ତି। ବାଇବେଲରେ ଗୋଟିଏ କଥା ଅଛି, “He that loseth shall find life”। ମା' ବେଳେ ବେଳେ କହୁଥିଲେ, ମୋର Grace ଆଶା କର ନାହିଁ। My Grace is fire। ସବୁ ପୋଡ଼ି ଦେବ।

ସେଥିପାଇଁ ମା'ଙ୍କୁ ଦିନେ କହିଥିଲି, ମା, ତୁମେ କାହାକୁ କିପରି ପାଖକୁ ଟାଣିନିଅ ତାହା ବୁଝିବା ମୁସ୍କିଲ, you are very clever। ମା' ଶୁଣି ରାଗିଗଲେ। କହିଲେ no, it is not cleverness, it is Divine wishdom।

ଅନ୍ୟ ପ୍ରସଙ୍ଗରେ ମା' ମୋତେ ଦିନେ କହିଥିଲେ, ଜାଣିଛ ପ୍ରଣବ, ମୁଁ କେତେ ବୋକା ? କୌଣସି ଜିନିଷ ଅର୍ଡର ଦେବା ସମୟରେ ସବୁ ପେମେଣ୍ଟ କରେ। ପୁଣି ଜିନଷଟି ଡିପାର୍ଟମେଣ୍ଟରେ ସପ୍ଲାଇ ହୋଇ ଆସିବାପରେ ସେତେବେଳେ ପୁଣି ଥରେ ପେମେଣ୍ଟ କରେ। ମୁଁ କହିଥିଲି, ମା ଏହା ତ ତୁମର Divine wishdom। ଚ୍ରେରି ହେଉଛି, ଠକାମୀ ହେଉଛି ଜାଣିକି ବି ତୁମେ ତାହା ଦେଖୁନାହ। ନ ଦେଖିବାର ନ ଜାଣିବାର ଆଳ କରି ରହିଥାଅ। ପ୍ରକୃତରେ ଚ୍ରେରି ଧରିବା ତ ତୁମର କାମ ନୁହେଁ। ଚ୍ରେରକୁ ସଂଶୋଧନ କରିବା ତ ତୁମର କାମ।

***

ଦାଦା ଶୁଣିଲେ ଜଣଙ୍କର ଗୋଡ଼ରେ କ୍ୟାନ୍ସର ହୋଇଛି। ଦାଦା କହିଲେ, ମୂଳରୁ ଉଷା ଆଶ୍ରମଜୀବନ ଶୁଦ୍ଧ ସାତ୍ତ୍ୱିକ ଜୀବନ ଯାପନ କରୁଛି। ବାହାରର କିଛି ଖାଉନଥିଲା। ଅତି ପରିଷ୍କାର ପରିଚ୍ଛନ୍ନ ଜୀବନ। କୌଣସି ଅନିୟମ ନଥିଲା। ଯେତେବେଳେ ମୁଁ ପ୍ରଥମ ଗ୍ରୁପ କରି ଫିଜିକାଲ କଲଚର ଆରମ୍ଭ କରିଥିଲି ସେତେବେଳେ ଉଷା ଥିଲା ପ୍ରଥମ ବ୍ୟାଚର ଝିଅ। ପରେ କ୍ୟାପଟେନ ହୋଇଥିଲା। ସବୁ ଝିଅ କ୍ୟାପ୍‌ଟେନମାନଙ୍କ ଭିତରେ ଉଷା ଥିଲା ଜଣେ କ୍ୟାପ୍‌ଟେନ।

ଏହି ରୋଗଟି ବହୁତ ମାରାତ୍ମକ। କାହାର ଯେ କେଉଁଥିରେ କେତେବେଳେ ହେବ କହିବା ମସ୍କିଲ। ଆଜିକାଲି ଏହି ରୋଗଟି ଅତ୍ୟନ୍ତ ବଢୁଛି।

ଦାଦା କିଛି ସମୟ ନୀରବ ରହି କିଛି ଭାବୁଥିଲେ। ପରେ କହିଲେ, ଅସଲ କଥା ହେଲା ଏହି ଦେହଖରାପର ମୂଳରେ ମାନସିକ ଚ୍ରପ, ଉତ୍କଣ୍ଠା ଉଦ୍‌ବେଗ, ହତାଶା, ନୈରାଶ୍ୟ- psychological stress and tension। ଆଜିକାଲି ତ ପ୍ରାୟ ସମସ୍ତେ depression, anxity, stress and tension ଭୋଗୁଛନ୍ତି। ଏହା ସବୁ ଧୀରେ ଧୀରେ କ୍ଷୟ କରି ଦିଏ। ସହିବାର ସୀମା ଅତିକ୍ରମ କରିଗଲେ ସେତେବେଳେ ଏହି ମାରାତ୍ମକ ରୋଗ ଦେଖାଦିଏ।

ଏହା ହାତରୁ ବଞ୍ଚିବାକୁ ହେଲେ ମନର ଚ୍ରପରୁ ମୁକ୍ତ ରହିବାକୁ ହେବ। ଶରୀରରେ ଶାନ୍ତି ଓ ଆନନ୍ଦ ଓହ୍ଲାଇ ଆଣିବାକୁ ହେବ। Peace and delight ଶରୀରରେ ଓହ୍ଲାଇ ଆଣିବା ଆବଶ୍ୟକ। ଶାରୀରିକ ବ୍ୟାୟାମ କରିବା ସମୟରେ ଏଥିପ୍ରତି ଲକ୍ଷ୍ୟ ରଖିବାକୁ ହେବ। ଶରୀରରେ ଶାନ୍ତି ଓ ଆନନ୍ଦ ସଚେତନ ଭାବରେ ଗ୍ରହଣ କରି ଫିଜିକାଲ କଲଚର କରିବାକୁ ହେବ। ଅନ୍ୟମାନଙ୍କର ଫିଜିକାଲ କଲଚର ଠାରୁ ଆମ୍ଭମାନଙ୍କର ଏଠାରେ ଫିଜିକାଲ କଲଚର ହେଲା ଏହାହିଁ ପାର୍ଥକ୍ୟ। ଶରୀରରେ

ଦେହର ସର୍ବାଙ୍ଗରେ ସଚ୍ଚିଦାନନ୍ଦଙ୍କର ଅନୁଭବ ନେଇ ବ୍ୟାୟାମ କରିବା। ଏଥିପ୍ରତି ଦୃଷ୍ଟି ନ ଦେଇ କେବଳ ଗତାନୁଗତିକ mechanical ବ୍ୟାୟାମ କଲେ ହେବ ନାହିଁ।

ଜଣେ ମୁଲିଆ ତ ଦିନସାରା କେତେ ବୋଝ ବୋହୁଛନ୍ତି, କିନ୍ତୁ ସେମାନଙ୍କର ଶରୀରର ପେଶୀ ତ ସେଥିରେ ସେମିତି ବଢ଼େ ନାହିଁ। ଶରୀରର ଗଠନ ତ ହୁଏ ନାହିଁ। କାରଣ ସେମାନେ ସର୍ବଦା ମନ ରଖିଥାଆନ୍ତି ସେହି ବୋଝ ବହିବା ପ୍ରତି, ଶରୀର ଦିଗରେ ତାଙ୍କର ମନ ନଥାଏ। କିନ୍ତୁ ଦିନର କୌଣସି ଏକ ସମୟ ସଚେତନଭାବରେ ଏହି ଆବାହନର ଭାବ ନେଇ ଶରୀର ଚର୍ଚ୍ଚା କଲେ ସେଥିରେ ଶରୀର ଗଠନ ହୁଏ। ସୁନ୍ଦର ଦେହ ବଳିଷ୍ଠ ହୁଏ।

ଡାକ୍ତର ଦତ୍ତ କାଲି ମୋତେ କହୁଥିଲେ, କିନ୍ତୁ ଶରୀର ଚର୍ଚ୍ଚା କରିବା ସମୟରେ ସବୁବେଳେ ସେଦିଗରେ ଆମ୍ଭମାନଙ୍କର ମନଯୋଗ ନଥାଏ। ଆମ୍ଭେମାନେ ଯାନ୍ତ୍ରିକ ଭାବରେ ବ୍ୟାୟାମ କରିଥାଉ।

***

ଦାଦା କହୁଥିଲେ, ଆମ୍ଭମାନଙ୍କର ପିଲାମାନଙ୍କୁ ପିକନିକ ସମୟରେ ବସରେ ନିଆ ଯାଇଥାଏ। Gingee ସେମାନଙ୍କର ଅତି ପ୍ରିୟ ସ୍ଥାନ ଆଉ ସେମାନେ ବହୁତ ଖୁସୀରେ ବାଟଯାକ ଗୀତ ବୋଲି ବୋଲି ଯାଆନ୍ତି। ଏହାପରେ ପାହାଡ଼ ଚଢ଼ନ୍ତି। ପ୍ରତିଥର ଗଲେ ବି ସେମାନଙ୍କ ପାଖରେ Gingee ପୁରୁଣା ହୁଏ ନାହିଁ। ଏହିପାରି Gingee Hills ଆଉ Picnicର ଗୀତ ଦୁଇଟି ଲେଖା ହୋଇଛି। ଅନ୍ୟ ଗୀତ ଗୁଡ଼ିକ ଭଳି ଏହିମାନଙ୍କର ଆଗେ ସୁର ଆସିଛି ପରେ ଗୀତର କଥା। ଏଠାରେ ଗୀତ ଦୁଇଟି ଦିଆଗଲା।

**GINGEE HILLS**

Gingee hills are calling us,
For a picnic trip
Bus, car, Motor-cycle,
or take a jeep.
Climbing is a fun,
Take it on the run,
Up, up, up we go,
To see the rising Lun,
We are free to-day,
Cheerful and gay,
In our simple play.
Golden light around,
Fresh air abound,
High, high, high we go,
To sing our joy profound.

**A PICNIC SONG**

Picnic, Picnic,
come quick, come quick,
Picnic we shall go,
I go, you go,
He goes, she goes,
All would like to go.
Come Ho ! Come Ho !
At five we start,
All dressed and smart,
Never we be late;
With helping hand,
Our merry band,
All in a happy state.
Come Ho ! Come Ho !
We climb the mountain,
Bathe in fountain,
See many wonder-things,
Many adventure,
Fun and laughter,
Whatever fortune brings.
Come Ho ! Come Ho !

The food we eat,
All clean and neat,
Beautiful in taste;
Sweet and sour,
packed with power,
Slowly with haste.
Come Ho ! Come Ho!
When day is done,
We end our fun,
Thinking Mother Divine,
Our spirit is high,
Next to the sky,
All is well and fine.
Come Ho ! Come Ho !

**TO ACTION**

On to duty,
To our work,
May we put our Heart and Soul !
To build anew,
Our good, old world,
We must play our Heroic Role (1)

There is nothing as
Big or small,
When we take up some work;
Our sincere efforts,
And perfect spirit,
Make of it a dazzling spark (2)
When we work,
We give and give,
But never look for what we get;
Love for work,
That makes us act,
And in that way our life is set. (3)
That work is our
Body's prayer,
We must always keep in mind;
A work done well,
Is sure to bring
A supreme joy,
we shall nowhere find. (4)

*ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ*
*ଅନୁବାଦ : ନୀତା*

●

## ମାତୃଭବନ ପତ୍ର ସମ୍ପର୍କରେ

**ନୂତନ ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା**

**ଆଜୀବନ ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର ନଭେମ୍ବର ମାସସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬ରେ** ଜଣାଇବାକୁ ଅନୁରୋଧ।

**ପରିଚାଳକ**

# ଦିବ୍ୟକୃପା ଓ ଆମେ

ଶ୍ରୀଅରବିନ୍ଦଙ୍କର ଏକ ବାଣୀକୁ ମା' ଏକ ଦର୍ଶନ ଦିବସ (୨୪ ନଭେମ୍ବର ୧୯୬୬)ର ବାର୍ତ୍ତାରୂପେ ବାଛିଥିଲେ। ବାଣୀଟି ହେଲା

"ଏହି ତିନୋଟି ଶକ୍ତି ରହିଛି।

୧. ବିଶ୍ୱବିଧି ଅର୍ଥାତ୍ କର୍ମଫଳ-ବିଧି ଓ ଅନ୍ୟାନ୍ୟ ଯାହା କିଛି।

୨. ଭଗବତ୍ କରୁଣା- ଯାହା ବିଶ୍ୱ ବିଧାନର ଜାଲ ଭେଦକରି ଯେତେ ଜଣଙ୍କ ପାଖରେ ପହଞ୍ଚିବା ସମ୍ଭବ ପହଞ୍ଚି ସେମାନଙ୍କ ଉପରେ କ୍ରିୟା କରେ ଓ ସେମାନଙ୍କୁ ସେମାନଙ୍କର ସୁଯୋଗ ଦିଏ।

୩. ଭଗବତ୍ କୃପା - ଯାହାର କ୍ରିୟା ଆହୁରି ଦୁରଧିଗମ୍ୟ କିନ୍ତୁ ଅନ୍ୟ ଦୁଇଟି ଶକ୍ତି ଅପେକ୍ଷା ଆହୁରି ଅପ୍ରତିହତ।

**-ଶ୍ରୀଅରବିନ୍ଦ**

ଆମର ଏହି ପୃଥିବୀରେ ଯେଉଁ ସବୁ ବିପୁଳ ଶକ୍ତିର ଖେଳା ଓ କ୍ରିୟା ପ୍ରତିକ୍ରିୟା ଅହରହ ଚାଲିଛି, ଆପାତ ଦୃଷ୍ଟିରେ ଦେଖିଲେ ମନେହେବ ଯେପରିକି ଜଡ଼ର ଏକ ଅଲଂଘ୍ୟ ନିୟମ ଦ୍ୱାରାହିଁ ସେଗୁଡ଼ିକ ପରିଚାଳିତ। ମନେ ହେବ ଜଡ଼ ବସ୍ତୁହିଁ ଏହି ବିଶ୍ୱସୃଷ୍ଟିର ଏକମାତ୍ର ଭିତ୍ତି। ତେଣୁ ସେଠାରେ ବସ୍ତୁ ଧର୍ମର ରାଜତ୍ୱ ଅଖଣ୍ଡ ଓ ସାର୍ବଭୌମ। ତା'ର ନିୟମ ଓ ବିଧାନ ସବୁ ଅକାଟ୍ୟ ଓ ଅଲଙ୍ଘ୍ୟ। ଜଡ଼ର ଏହି ନିୟମସବୁକୁ ବଦଳାଇ ଦେବା ତ ଦୂରର କଥା, ସେସବୁର କର୍ତ୍ତୃତ୍ୱରୁ ବାହାରିଯିବା ବା ସେଗୁଡ଼ିକୁ ଲଙ୍ଘନ ବା ଅତିକ୍ରମ କରିବାର ସାଧ୍ୟ କାହାର ନାହିଁ। ଯିଏ ଯେତେ ମହାନ୍ ଓ ଶକ୍ତିଶାଳୀ ହୁଅନ୍ତୁ ନା କହିଁକି, ଯେଉଁସବୁ ନିୟମକୁ ଧରି ଏହି ବସ୍ତୁଜଗତ ପରିଚାଳିତ, ସେ ନିୟମରୁ ସେ କେବେହେଲେ ବାହାରି ଯାଇ ପାରିବେ ନାହିଁ, ବସ୍ତୁଜଗତରେ ଯାହାକିଛି ପ୍ରକାଶ ହୋଇଛି, ତାହା ଶକ୍ତିର ଯେଡ଼େ ମହାନ୍ ପ୍ରକାଶ ହୋଇଥାଉ ପଛକେ ତାହା ବସ୍ତୁ ଜଗତର ନିୟମରହିଁ ଅନ୍ତର୍ଗତ।

ଏହାହିଁ ବସ୍ତୁବାଦୀ ଦୃଷ୍ଟିଭଙ୍ଗୀର ବିଚାର ଓ ସିଦ୍ଧାନ୍ତ। ଏହି ବିଚାର ଅନୁସାରେ ଚେତନାର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ଜଡ଼ର ବିବର୍ତ୍ତନର ଗୋଟିଏ ସ୍ତରରେ ଯାହାକୁ ଚେତନାର ଆବିର୍ଭାବ ବୋଲି କୁହାଯାଇଥାଏ ତାହା ଜଡ଼ରହିଁ କ୍ରମ ପରିଣାମର ଏକ ଅବସ୍ଥା। ଜଡ଼ ଭିତରେ ଅନ୍ତର୍ନିହିତ ବିପୁଳ ଶକ୍ତିସବୁର ନାନା ଘାତପ୍ରତିଘାତ, ପାରସ୍ପରିକ ସଂଘାତ, ଆକର୍ଷଣ-ବିକର୍ଷଣ ଓ କ୍ରିୟା-ପ୍ରକ୍ରିୟା ଆଦି ଦ୍ୱାରା ଜଡ଼ ଭିତରେ ଅହରହ ଏକ ପରିବର୍ତ୍ତନ ଚାଲିଛି। ଏହି ପରିବର୍ତ୍ତନ ଯେତେବେଳେ ଏକ ନୂତନ ଗୁଣାତ୍ମକ ସ୍ତରରେ ପହଞ୍ଚି ନିଜ ଭିତରେ ସେହି ଶକ୍ତିସବୁର ସୂକ୍ଷ୍ମରୁ ଆହୁରି ସୂକ୍ଷ୍ମତର ନାନା ନୂତନ ଖେଳା ଓ ସ୍ପନ୍ଦନସବୁକୁ ରୂପାୟିତ କରେ ସେଗୁଡ଼ିକ ସ୍ଥୂଳ ଜଡ଼ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ବୋଲି ମନେହେଲେ ମଧ୍ୟ ବାସ୍ତବରେ ସେଗୁଡ଼ିକ ହେଉଛି ଜଡ଼ର ଏକ ଗୁଣାତ୍ମକ ପରିବର୍ତ୍ତନର ଅବସ୍ଥାରେ ଜଡ଼ରହିଁ ସୂକ୍ଷ୍ମରୂପ। ଚେତନା, ଜୀବନ, ମନ, ପ୍ରାଣ ଆଦି ସବୁ ମଧ୍ୟ ଏହିପରି ଜଡ଼ଶକ୍ତିରହିଁ ନାନାବିଧ ସୂକ୍ଷ୍ମ ରୂପ ବା କ୍ରିୟା, ତେଣୁ ଜଡ଼ର

ଅଲଘ୍ୟ ନିୟମର ଅନ୍ତର୍ଗତ ଓ ଅଧୀନ।

ଶ୍ରୀଅରବିନ୍ଦଙ୍କ ବାଣୀର ଯେଉଁ ବିଶ୍ୱବିଧି କଥା ରହିଛି, ବସ୍ତୁବାଦୀ ବିଚାର ତାହାକୁ ଜଡ଼ର ଅନ୍ଧ ନିୟମ ଉପରେ ଆଧାରିତ ଏକ ବିଶ୍ୱବିଧି ବୋଲିହିଁ ଗ୍ରହଣ କରେ। ତେଣୁ ଏହି ବିଚାରରେ ବିଶ୍ୱସୃଷ୍ଟି ପଛରେ କୌଣସି ସଚେତ ଲକ୍ଷ୍ୟ ବା ଦିବ୍ୟ ଯୋଜନାର ସ୍ଥାନ ନାହିଁ; ଏପରି କୌଣସି ପରିତ୍ରାଣକାରୀ ପରମ ଦିବ୍ୟ ଚେତନାର ସ୍ଥାନ ନାହିଁ ଯାହାକି ସମଗ୍ର ବିଶ୍ୱସୃଷ୍ଟିକୁ ଏକ ପରମ ମଙ୍ଗଳ ଦିଗରେ ପରିଚାଳିତ କରୁଛି। ଏହି ବିଚାର କର୍ମଫଳର ସତ୍ୟକୁ ସ୍ୱୀକାର କରେ। କିନ୍ତୁ ତାହା କାର୍ଯ୍ୟ-କାରଣ-ପରିଣାମର ଏକ ଅନ୍ଧ ଯାନ୍ତ୍ରିକ ନିୟମ। ସେଠାରେ ନ୍ୟାୟ, ନୀତି, ପାପପୁଣ୍ୟ ବିବେକ ଆଦିର କୌଣସି ସ୍ଥାନ ନାହିଁ। କୌଣସି ଲୋକ ସେ ଯେତେ ଅବିବେକୀ, ଯେତେ ନୀତିହୀନ ବା ସଦାଚାରବିହୀନ ହେଲେ ମଧ୍ୟ ଯଦି ସେ ଜଡ଼ର ନିୟମକୁ ଠିକ୍ ଠିକ୍ ଜାଣି ତା ଉପରେ କର୍ତ୍ତୃତ୍ୱ ବିସ୍ତାର କରିପାରେ ତେବେ ଦୁନିଆର ସମସ୍ତ ଭୋଗ ଓ ସମ୍ପଦ ତା ହାତ ମୁଠାରେ ଆସିବାରେ କିଛି ବାଧା ନାହିଁ। ଜଡ଼ବିଜ୍ଞାନର କୌଶଳକୁ ଆୟତ୍ତ କରିପାରିଲେ ସେହି ବ୍ୟକ୍ତିର ବା ରାଷ୍ଟ୍ରର ସତ୍ୟ ଓ ନ୍ୟାୟନୀତି ପ୍ରତି କୌଣସି ଭ୍ରୂକ୍ଷେପ ଥାଉ ବା ନଥାଉ ସେହି ହେବ ଅସାଧାରଣ ଶକ୍ତି ଓ ପ୍ରଭୁତ୍ୱର ଅଧିକାରୀ। ଅନ୍ୟପକ୍ଷରେ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ରାଷ୍ଟ୍ର ଯେତେ ନ୍ୟାୟନୀତି ପରାୟଣ ବା ସଦାଚାର ସମ୍ପନ୍ନ ହେଉନା କାହିଁକି, ସେ ଯଦି ଜଡ଼ର ନାନା ନିୟମକୁ ବୁଝି ସେସବୁକୁ ନିଜ ସ୍ୱାର୍ଥର ଅନୁକୂଳ କରି ଚାଳିତ କରି ନପାରେ ତେବେ ଦୁଃଖ, ଦାରିଦ୍ର୍ୟ ଦୁର୍ଭୋଗହିଁ ହେବ ତାର ଭାଗ୍ୟ। ଆପାତ ଦୃଷ୍ଟିରେ ଦେଖିଲେ ଏହି ପ୍ରକାର ଜଡ଼ର ଅନ୍ଧ ନିୟମ ଉପରେ ଆଧାରିତ ଏକ ବିଶ୍ୱବିଧାନ ଦ୍ୱାରାହିଁ ସମଗ୍ର ପୃଥିବୀ ଓ ମାନବ ସମାଜର ଭାଗ୍ୟ ନିର୍ଦ୍ଧାରିତ ହେଉଛି।

କିନ୍ତୁ ଅଧ୍ୟାତ୍ମବାଦୀ ବିଚାର ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଆପାତ ବାହ୍ୟଦୃଷ୍ଟି ପାଇଁ ଏହି ବିଶ୍ୱ ସୃଷ୍ଟିରେ ଜଡ଼ର ଆଧିପତ୍ୟ ଯେତେ ଅଖଣ୍ଡ ଓ ତାର ନିୟମ ଯେତେ ଅଲଘ୍ୟ ମନେହେଲେ ମଧ୍ୟ, ଅଜ୍ଞାନ, ଅନ୍ଧକାର ଓ ମୃତ୍ୟୁର ଏକ ସର୍ବଗ୍ରାସୀ କରାଳ କବଳରେ ଏହାର ଜୀବକୂଳ ସର୍ବଦା ବ୍ୟଥାତୁର ହୋଇ ରହିଛନ୍ତି ବୋଲି ମନେ ହେଲେ ମଧ୍ୟ ଏହା ପଛରେ ଦିବ୍ୟ ଯୋଜନା ଓ ମଙ୍ଗଳମୟ ବିଧାନ ରହିଛି ବୋଲି ଏହି ବିଚାର ଘୋଷଣା କରେ। ସ୍ଥୂଳ ଦୃଷ୍ଟି ପାଇଁ ଯେତେ ପ୍ରଚ୍ଛନ୍ନ ହେଲେ ମଧ୍ୟ ଏକ ପରମ କାରୁଣିକ ଦିବ୍ୟ ଚେତନା ସମଗ୍ର ବିଶ୍ୱ ସୃଷ୍ଟିକୁ ଏକ ମହାନ୍ ଦିବ୍ୟ ଲକ୍ଷ୍ୟ ଦିଗରେ, ସତ୍ୟ ଶିବ ସୁନ୍ଦର ଓ ସର୍ବୋତ୍ତମ ମଙ୍ଗଳ ଏବଂ ଆନନ୍ଦ ଦିଗରେ ଚଳାଇ ନେଉଛି। ସେହି ପରମ ଚେତନାହିଁ ଜଡ଼ ଭିତରେ ଯେ ନିଜର ଦିବ୍ୟ ସ୍ୱରୂପ ସହ ଅନ୍ତର୍ନିହିତ ହୋଇ ରହିଛି ଖାଲି ସେତିକି ନୁହେଁ, ସେହି ସ୍ୱୟଂ ଏହି ଜଡ଼ ବିଶ୍ୱର ରୂପ ଗ୍ରହଣ କରିଛି, ଏହି ସ୍ଥୂଳ ଜଡ଼ ତାହାରହିଁ ଏକ ଛଦ୍ମ ବେଶ। ସତ୍ୟଦ୍ରଷ୍ଟା ମହାପୁରୁଷ ଓ ଅଧ୍ୟାତ୍ମବାଦୀମାନଙ୍କ ପାଇଁ ଏହା ଏକ ପ୍ରତ୍ୟକ୍ଷ ଅନୁଭୂତିଲବ୍ଧ ସତ୍ୟ।

କ୍ରମଶଃ

●

***ବିଶ୍ୱମ୍ଭର ସାମନ୍ତ***

# ସ୍ମୃତି ସମାଚାର
## ପ୍ରାର୍ଥନାର ମୂଲ୍ୟ

ପ୍ରାର୍ଥନା ! ପ୍ରାର୍ଥନାର ମୂଲ୍ୟକୁ କଳନା କରାଯାଇ ପାରିବ ନାହିଁ। ପ୍ରାର୍ଥନା ପୁଣି କ'ଣ ନକରିପାରେ ! ପ୍ରାର୍ଥନା ଦ୍ୱାରା ପୁଣି କ'ଣ ନହୋଇ ପାରେ ? ପ୍ରାର୍ଥନାରେ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ରହିଛି। ବାଦଶାହ ବାବର ପ୍ରାର୍ଥନା ବଳରେ ନିଜର ପୁତ୍ରକୁ ମୃତ୍ୟୁମୁଖରୁ ଉଦ୍ଧାର କରି ପାରିଥିଲେ। ପୁରୀ ଗଜପତି ରାଜାଙ୍କ ରାଜଗୁରୁ ଚନ୍ଦ୍ରଚୋର ବାହିନିପତି ନିଜର ପ୍ରାର୍ଥନା ବଳରେ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ରଙ୍କୁ ହାଣ୍ଡିତଳେ ରଖି କୃତ୍ରିମ ଅମାବାସ୍ୟା ସୃଷ୍ଟି କରିପାରିଥିଲେ। ପରମଭକ୍ତା ମୀରା, ଭକ୍ତ ରଘୁ ଅରକ୍ଷିତ, ପ୍ରାର୍ଥନା ବଳରେ ବିଷକୁ ଅମୃତରେ ପରିଣତ କରି ଦେଇ ପାରିଥିଲେ, ଭକ୍ତ ରଘୁ ବେହେରା ପ୍ରାର୍ଥନା ବଳରେ ମୃତବାଳକକୁ ଜୀବନ୍ୟାସ ଦେଇ ପାରିଥିଲେ। ଏପରି ହଜାର ହଜାର ଉଦାହରଣ ଦେଇ ହେବ।

ପ୍ରାର୍ଥନା ଖାଲି କାମନା ବାସନାକୁ ପୂରଣ କରିବାରେ ସାହାଯ୍ୟ କରେନାହିଁ, ଖାଲି ବ୍ୟାଧି, ବାର୍ଦ୍ଧକ୍ୟ, ମୃତ୍ୟୁ ଆଦିରୁ ରକ୍ଷା କରିବାରେ ସାହାଯ୍ୟ କରେ ନାହିଁ, ଖାଲି ବିପଦ ଆପଦରୁ ରକ୍ଷା କରିବାରେ ସହାୟକ ହୁଏ ନାହିଁ, ପ୍ରାର୍ଥନା ବଳରେ ବ୍ୟକ୍ତି ଦିବ୍ୟ ଜୀବନ ଲାଭ କରିପାରେ। ଦେବ ଜୀବନ ଲାଭ କରିପାରେ, ସିଧା ସଳଖ ଭଗବାନଙ୍କର, ମା' ଭଗବତୀଙ୍କର ଦିବ୍ୟ ସାନ୍ନିଧ୍ୟ ଲାଭ କରିପାରେ, ମା' ଭଗବତୀଙ୍କର ଦିବ୍ୟକୃପା ବଳରେ ନିଜର ମନ ପ୍ରାଣ ଶରୀର ଓ ଆତ୍ମାରେ ପରିପୂର୍ଣ୍ଣତା ଲାଭ କରି ସକଳ ଦିବ୍ୟକର୍ମରେ ଭଗବାନଙ୍କୁ ପ୍ରକଟିତ କରିପାରେ। ମା' କହିଛନ୍ତି, "ଆନ୍ତରିକ ପ୍ରାର୍ଥନା କେବେବି ବ୍ୟର୍ଥ ହୁଏ ନାହିଁ।" ପ୍ରାର୍ଥନା ଯଦି ଆନ୍ତରିକ ତା'ର ଉତ୍ତର ଅବଶ୍ୟ ମିଳିବ। ରାମକୃଷ୍ଣ ପରମହଂସ କହନ୍ତି, "ଡାକିଲା ପରି ଡାକିଲ ଦେଖି, କିପରି ମା' ନଶୁଣି ରହି ପାରିବ !" ଦ୍ରୌପଦୀ ଯେତେବେଳେ ଅସହାୟ ଅବସ୍ଥାରେ ନିଜ ପ୍ରଚେଷ୍ଟା କେବେ ବି କାମ କରିବ ନାହିଁ ଜାଣି ଦୁଇହାତ ଟେକି ଅର୍ଥାତ୍ ପୁରାପୁରି ଭଗବାନଙ୍କ ପଦାରବିନ୍ଦରେ ସମର୍ପଣ କରି ପ୍ରାର୍ଥନା କରି ଥିଲେ ସେତେବେଳେ ଭଗବାନ ସଙ୍ଗେ ସଙ୍ଗେ ପ୍ରାର୍ଥନା ପୂରଣ କରିଥିଲେ।

ଆମର ଏହି ଦିବ୍ୟ ଜୀବନର ପଥରେ, ରୂପାନ୍ତର ପଥରେ ପ୍ରାର୍ଥନା କରିବାକୁ ହେବ ପରମା ଦିବ୍ୟଜନନୀ ମା'ଭଗବତୀଙ୍କୁ। ପୂର୍ଣ୍ଣ ସମର୍ପଣ କରିବାକୁ ହେବ ମା'ଙ୍କର ଶ୍ରୀପଦାରବିନ୍ଦରେ। କିପରି ଭାବରେ ପ୍ରାର୍ଥନା କରିବାକୁ ହେବ ମା' ସେ କଥା ମାନବ ଜାତିର ପ୍ରତିନିଧିତ୍ୱ କରି, ବିଶ୍ୱର ପ୍ରତିନିଧିତ୍ୱ କରି ପ୍ରାର୍ଥନା କରିଛନ୍ତି। ସେଗୁଡ଼ିକ ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ବହିରେ ଲିପିବଦ୍ଧ କରିଛନ୍ତି। ସେଗୁଡ଼ିକ ସମସ୍ତ ମାତୃସନ୍ତାନମାନଙ୍କର ନିତ୍ୟ ପଠନୀୟ ହେବା ଉଚିତ। ବହୁତ ମାତୃସନ୍ତାନ ପ୍ରତିଦିନ ମା' ବହି ଓ ଧ୍ୟାନ ପ୍ରାର୍ଥନା ବହିରୁ କିଛି ପାଠ କରିଥାନ୍ତି- ଏପରିକି ନିଜେ ପ୍ରପତ୍ତି ମଧ୍ୟ। ପ୍ରାର୍ଥନା ଭିତରେ ପ୍ରାର୍ଥନାଟିଏ- ତାହା ହେଲା 'ରାଧାଙ୍କ ପ୍ରାର୍ଥନା'- ଚେତନାର ସବୁ ସ୍ତରରେ ସମସ୍ତଙ୍କ ପାଇଁ ସାହାଯ୍ୟ କରିଥାଏ- ମା'ଙ୍କ ପାଖରେ ନିଜକୁ- ପୁରାପୁରି ନିଜକୁ ଗୋଟାପଣେ ସମର୍ପଣ କରବା ପାଇଁ।

***ମଧୁସୂଦନ ମିଶ୍ର***

●

## ଏବେବି ମନେପଡ଼େ.....

# ଆଉ ଟିକିଏ ଅଧିକ ଦାୟିତ୍ୱ ନେବା

ଗତ ଜୁଲାଇ ମାସର ସାଙ୍ଗଠନିକ ଆଲୋଚନାମାନଙ୍କରେ ଅନ୍ୟାନ୍ୟ ଅନେକ କଥା ମଧ୍ୟରୁ ପୂଜା ଅବକାଶ ମଧ୍ୟରେ ଦଶଦିନ ପାଇଁ ଆଲୋକସେନା ଶିବିରରେ ଯୋଗଦେବାପାଇଁ ପ୍ରତ୍ୟେକ ଜିଲ୍ଲାରୁ ୨ଜଣ କରି ଆଲୋକ ସେନା ପଠାଇବା ପାଇଁ ଅନୁରୋଧ କରାଯାଇଥିଲା। ପୁଣି ଶିବିର ଆରମ୍ଭ ହେବାର ପ୍ରାୟ ମାସକ ପୂର୍ବରୁ ପ୍ରତ୍ୟେକ ଜୋନାଲ ସଙ୍ଗଠକମାନଙ୍କ ଜରୀଆରେ ଜିଲ୍ଲା ସଙ୍ଗଠକମାନଙ୍କୁ ମନେପକାଇ ଦିଆଯାଇଥିଲା। ଶେଷରେ ଶିବିର ଆରମ୍ଭର ୨ଦିନ ପୂର୍ବରୁ ପ୍ରାୟ ସମସ୍ତ ଜୋନାଲ ସଙ୍ଗଠକ ଏବଂ ଜିଲ୍ଲା ସଙ୍ଗଠକମାନଙ୍କୁ ସଚେତନ କରାଇ ଦିଆଯାଇଥିଲା। ସମସ୍ତେ ଅବଶ୍ୟ ପଠାଇବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ମାତ୍ର ଶେଷରେ ଶିବିରରେ ମାତୃଭବନର ୪ଜଣ ଅନ୍ତେବାସୀଙ୍କୁ ମିଶାଇ ସର୍ବମୋଟ ୩୦ ଜଣ ଯୋଗଦେଇଥିଲେ। ଅଧିକାଂଶ ଜିଲ୍ଲାମାନଙ୍କରୁ ଆଦୌ କେହି ଆସିଲେ ନାହିଁ। ଏହି ଶିବିର ପାଇଁ କୌଣସି ପ୍ରତିନିଧି ଚାନ୍ଦା ରଖାଯାଇନଥିଲା। କେବଳ ଯିବା ଆସିବା ଖର୍ଚ୍ଚ ବହନ କରି ସେମାନେ ଆସିବା ଦରକାର। ମାତ୍ର ତଥାପି ଅଧିକାଂଶ ଜିଲ୍ଲାରୁ କେହି ଆସିଲେ ନାହିଁ। ଏବେ ଆମେ କାହାରିକୁ ଦୋଷ ଦେବା ନାହିଁ କିମ୍ବା ଏଥିପାଇଁ ମନଦୁଃଖ କରିବା ନାହିଁ। କିନ୍ତୁ ସମୀକ୍ଷା ତ କରିବା। କ'ଣ ପାଇଁ ଏପରି ହେଉଛି ? ଆମେ ସମସ୍ତେ କାମ କରୁଚୁ ମାତ୍ର କାମ ଯେତିକି ହେବା ଆବଶ୍ୟକ ହେଉ ନାହିଁ କାହିଁକି ? ଅନ୍ତତଃ ଗୋଟିଏ ଜିଲ୍ଲାରୁ ଦୁଇଜଣ କର୍ମୀ ତ ଆମେ କାଢ଼ି ପାରିବା ! ନଚେତ ଜିଲ୍ଲାରେ କାମ କିପରି ସଙ୍ଗଠିତ କରିପାରିବା ? କାରଣ ଆଲୋକସେନା ହେଲେ ବାସ୍ତବରେ ସମସ୍ତ କାମ ବିଷୟରେ ଧାରଣା ଥିବା, ସମ୍ପୂର୍ଣ୍ଣ ନିରାସକ୍ତ, ନିସ୍ୱାର୍ଥପର ଭାବରେ କାମ କରୁଥିବା, କେବଳ ମା'ଙ୍କ ପାଇଁ ଜୀବନ ବଞ୍ଚିବାରେ ବିଶ୍ୱାସ କରୁଥିବା କର୍ମୀ। ସେମାନଙ୍କ ଉପରେ ସମଗ୍ର ଜିଲ୍ଲାର ଯେକୌଣସି କାମ ପାଇଁ ବିଶ୍ୱାସ ଭରସା କରାଯାଇପାରିବ। ଏମିତିଆ କର୍ମୀତ ଆମେ ନିଶ୍ଚୟ ଆମର ପ୍ରତ୍ୟେକ ଜିଲ୍ଲାପାଇଁ ଖୋଜିବା। ଜୋନାଲ କନ୍‌ଭେନର ତଥା ଜିଲ୍ଲା କନ୍‌ଭେନର, ସମସ୍ତେ ନିଶ୍ଚୟ ଅନେକ ଖୁସୀ ହେବେ ଏହିଭଳି କିଛି କିଛି କର୍ମୀ ପ୍ରାପ୍ତହେଲେ। ତେଣୁ ସେଥିପାଇଁ ଆଉ ଟିକିଏ ଅଧିକ ଉଦ୍ୟମ କରିବା।

ଏବେ ଦେଖାଯାଉଛି ଶିକ୍ଷକ ସମ୍ମିଳନୀ ପାଇଁ ଅପା/ଭାଇମାନେ ଆସିଯାଉଛନ୍ତି। କାରଣ ଅନେକ କ୍ଷେତ୍ରରେ ସେମାନଙ୍କୁ ବାଧ୍ୟ କରି ପଠାଯାଉଛି। ଯଦି ସେମାନଙ୍କ ମଧ୍ୟରେ ଜଣେ ବି ଆଲୋକସେନା ଥିବେ ତେବେ ସେ ନିଶ୍ଚୟ ସେମାନଙ୍କୁ ଏପରି ପ୍ରଭାବିତ କରିବେ ଯେପରି ଆଉ ବାଧ୍ୟ କରିବାକୁ ପଡ଼ିବ ନାହିଁ। ସମସ୍ତଙ୍କ ଭିତରେ ବିଶ୍ୱାସ ଦେବା, ଧୈର୍ଯ୍ୟ ଦେବା, ନିର୍ଭୟତା ଦେବା ଇତ୍ୟାଦି ଆଲୋକ ସେନାର ଦାୟିତ୍ୱ। ସେତିକି ଯଦି ଆମ ଅପା/ଭାଇମାନେ ପାଇ ପାରିଲେ ତେବେ ତ ତାହା ଯଥେଷ୍ଟ।

ଆମେ ଅଭିଯୋଗ କରୁଛୁ ଆମ ସ୍କୁଲରେ ଅଧିକାଂଶ ଅପା/ଭାଇ ପାଠଚକ୍ର ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେମାନଙ୍କ ସହିତ ଜଣେ ଆଲୋକ ସେନା ମିଶିଗଲେ ଅବସ୍ଥା ବଦଳିଯିବ ।

ଏବେ ଦେଖାଯାଉଛି ବିଭିନ୍ନ ଜିଲ୍ଲାରେ ଆଲୋକସେନା ଶିବିର ହେଉଛି । ଭିନ୍ନଭିନ୍ନ ଯାଗାରେ ଦିନିକିଆ /ଦୁଇଦିନିଆ/ତିନିଦିନିଆ ଶିବିର ମଧ ହେଉଛି । ମାତ୍ର ତଥାପି ଆମେ ସମଗ୍ର ଜିଲ୍ଲାରୁ ୨ଜଣ କର୍ମୀ କାଢ଼ି ପାରୁନାହୁଁ । ସେଇ ଦୁଇଜଣ ଏ ଶିବିର ସବୁ ପରିଚାଳନା କରନ୍ତେ । କାରଣ ଭବିଷ୍ୟତକୁ ଏମିତି ଅନେକ କର୍ମୀ ଦରକାର । ଆମକୁ ଏବେଠାରୁ ଉଦ୍ୟମ କରିବାକୁ ହେବ ।

ଅବଶ୍ୟ ଏହି ଆଲୋକ ସେନା ଶିବିରର ସଂଖ୍ୟା କମ ଥିଲେ ମଧ ବାସ୍ତବିକ ଯେଉଁମାନେ ନିଜ ନିଜ ଜିଲ୍ଲାରେ କାମ କରିବେ ସେଇମାନେହିଁ ଆସିଥିଲେ । ତେଣୁ ଶିବିରର କାର୍ଯ୍ୟକ୍ରମ ଅନେକ ସଫଳ ହେବାର ଅନୁଭବ ହେଲା । ମାତ୍ର ଯେଉଁ ଜିଲ୍ଲାରୁ କେହି ଆସିଲେ ନାହିଁ ସେମାନେ ଆଦୌ ଉପକୃତ ହେଲେ ନାହିଁ ।

ତେଣୁ ସମସ୍ତେ ଆଉ ଟିକିଏ ଅଧିକ ଦାୟିତ୍ୱ ନେବା ।

*ପ୍ରସାଦ ତ୍ରିପାଠୀ*

●

# SRI AUROBINDO UNIVERSITY

**Sri Aurobindo Shrikeshtra, Kotasahi, Dalijoda, Cuttack**

It is proposed by the Academic Committee of Sri Aurobindo University (SAU) to publish a Souvenir on the occasion of its 6th anniversary to be held on 4th April, 2012 along with the anniversary of Sri Aurobindo Shrikeshtra, Dalijoda, in its premises. Articles befitting to the occasion and both in English or Oriya language are invited from the Learners and Counsellors of SAU and friends and well wishers interested in the activities of Dalijoda so as to reach in the following address latest by the end of January of 2012. The contributors of articles are requested to stick to the date for convenience in the publication.

Prasad Tripathy
Convenor
Matrubhaban, Sri Aurobindo Marg, Cuttack-753013

# News Section (ସମ୍ବାଦ ବିଭାଗ)

## ୩୦ ଦିନରେ ୩୦ ଜିଲ୍ଲା

***ପୂର୍ବପ୍ରକାଶିତ ଉତ୍ତାରୁ...*** କେନ୍ଦୁଝର। ଆମପାଣୀ ଘାଟିଦେଇ କେନ୍ଦୁଝରରେ ପହଞ୍ଚିବା ବେଳକୁ ସନ୍ଧ୍ୟା ୬ଟା। ଆଉ ଟିକିଏ ବିଳମ୍ବ ହେଲେ ଟ୍ରକ୍ ଜାମ୍‌ରେ ପଡିଥାନ୍ତୁ। ଆଶ୍ରୟ କେନ୍ଦୁଝରର ମାତୃନିଳୟଠାରେ। ଦାଶରଥୀ ଭାଇନାଙ୍କ ସହିତ ମହେଶ୍ୱର ଏବଂ ଅନ୍ୟ ଟ୍ରଷ୍ଟମେମ୍ବରମାନେ ଉପସ୍ଥିତ ଥାଆନ୍ତି। ପରଦିନ ୨୮ ତାରିଖ କେନ୍ଦୁଝର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭା। ପ୍ରତ୍ୟେକ ବର୍ଷ କେନ୍ଦୁଝରରେ ଉପସ୍ଥିତି ଅପେକ୍ଷାକୃତ କମ ହୁଏ। ରାସ୍ତା ଜାମଠାରୁ ଆରମ୍ଭ କରି ଦୂରତ୍ୱ ଇତ୍ୟାଦି କାରଣରୁ ଏ ବର୍ଷ ମଧ୍ୟ ତାର ପୁନରାବୃତ୍ତି ହେଲା। ପ୍ରଥମ କରି କେନ୍ଦୁଝର ଜିଲ୍ଲାରେ ୫ଟି ସ୍କୁଲ ଅନୁପସ୍ଥିତ ହେଲେ। ପରେ ଅବଶ୍ୟ ସେଥିରୁ ୩ଟି ସ୍କୁଲ ପହଞ୍ଚିଲେ। ତଥାପି ପୂର୍ବବର୍ଷଠାରୁ ଉପସ୍ଥିତି ଅଧିକ ଥିଲା। ଏହାପରେ ଆମକୁ ଯିବାକୁ ହେବ ବାରିପଦା। ମଝିରେ ବାଙ୍ଗିରିପୋଷୀ ଘାଟି ଅଛି। ଦୂରତ୍ୱ ମଧ୍ୟ ଅଧିକ। ତେଣୁ ଶୀଘ୍ର ଶୀଘ୍ର କାମ ସାରି ୪ଟା ପୂର୍ବରୁ କେନ୍ଦୁଝର ଛାଡ଼ିଲୁ।

ବାରିପଦା ସ୍କୁଲର ବଡ଼ଅପା ବିଦେଶ ଯାଇଛନ୍ତି। ସେଠାରୁ ମଧ୍ୟ ଫୋନ୍ କରି ଆମ ଭଲମନ୍ଦ ବୁଝୁଛନ୍ତି। ବାଟରେ କୁମ୍ଭାରମୁଣ୍ଡକଟା ପବିତ୍ର ସମାଧି ମନ୍ଦିର ଦର୍ଶନ କରି ବାରିପଦାରେ ଆମେ ପହଞ୍ଚିବା ବେଳକୁ ରାତ୍ର ୮ଟା। ବାରିପଦାରେ ନାରାୟଣ ଭାଇ ଆମ ସହିତ ମିଶିଲେ। ଶଶୀକାନ୍ତ ମଧ୍ୟ ଆସି ସାରିଥାନ୍ତି। ଜିଲ୍ଲା ସଂଯୋଜକ ଗଦାଧର ପରିଡ଼ା ମଧ୍ୟ ପହଞ୍ଚି ସାରିଥାନ୍ତି। ଅଧକ୍ଷା ଦାୟିତ୍ୱରେ ଥାଆନ୍ତି କବିତା ଅପା। ସେ, ସୁସ୍ମିତା, ଅଧିକାରୀ ଭାଇ ତଥା ଅନ୍ୟ ଭାଇମାନେ ରାତ୍ରୀରେ ଆମକୁ ଅପେକ୍ଷା କରିଥାନ୍ତି। ଆମକୁ ଥଇଥାନ କରି ସେମାନେ ରାତ୍ରୀରେ ଫେରିଲେ। ପରିଦିନ ୯ ତାରିଖ ଡ: ଅଜିତ୍ ଭାଇ ପହଞ୍ଚିଲା ପରେ ସକାଳ ୯.୩୦ରେ ସଭା ଆରମ୍ଭ ହେଲା। ଜିଲ୍ଲାର ସାଙ୍ଗଠନିକ ପତ୍ରିକା ଉନ୍ମୋଚନ ହେଲା। ଆଲୋଚନା ପରେ ପ୍ରସାଦ ସେବନ। ସେଦିନର ଯାତ୍ରା ମାତ୍ର ୫୦ କି.ମି.। ତେଣୁ ବ୍ୟସ୍ତ ହେବାର କିଛି ନାହିଁ। ୪.୩୦ ସୁଦ୍ଧା ବାରିପଦା ଛାଡ଼ିଲୁ। ବାଟରେ ବେତନଟୀଠାରେ ପବିତ୍ର ଦେହାଂଶପୀଠରେ ଦର୍ଶନ କରି ବାଲେଶ୍ୱର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦେଇ ଶ୍ରୀଅରବିନ୍ଦ ସ୍ମୃତି ମନ୍ଦିର (ପବିତ୍ର ସମାଧି ପୀଠ)ଠାରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଗଲାଣି। ପ୍ରଥମ କରି ଆମେ ସ୍ମୃତିମନ୍ଦିରରେ ରାତ୍ରୀଯାପନ କରିବୁ। ସୁଧାକର ଭାଇ, ସୁଶିଲ ତଥା ଅନ୍ୟ ଭାଇମାନଙ୍କର ଆଗ୍ରହ ପ୍ରଚୁର। ମାମୁଁ, ନୀରାକାର ଡ:ବିଷ୍ଣୁପ୍ରିୟା ମହାପାତ୍ର (ବେଲୁ)ଙ୍କ ଘରେ ଅତିଥି ହେଲେ। ଆମ ପାଇଁ ସୁଧାକର ଭାଇ ନୂଆ ଖଟ, ନୂଆ ଶେଯ, ମସାରୀ ଇତ୍ୟାଦି ସବୁ ବ୍ୟବସ୍ଥା କରିଥାନ୍ତି। ଖାଲି ସେତିକି ନୁହେଁ। ପ୍ରାୟ ୪ଜଣ ମାତୃକର୍ମୀ ଆମ ସହିତ ଆମର କାଳେ କିଛି ଆବଶ୍ୟକ ପଡ଼ିବ ବୋଲି ରାତ୍ରୀରେ ରହିଲେ। ରାତ୍ର ଭୋଜନ ପରେ ଆମେ ସେଠାରେ ବିଶ୍ରାମ ନେଲୁ।

୧୦ ତାରିଖ ସକାଳ ସ୍ୱାଭାବିକ ଭାବରେ ଅପୂର୍ବ। ବାଲେଶ୍ୱରରୁ ଅନତୀ ଦୂରରେ ଲ୍ୟାଣ୍ଡ ଡିଭାଇନ୍‌ଠାରେ ଗୋଟିଏ ନୂଆ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିବା ପାଇଁ ସୁଧାକର ଭାଇଙ୍କ ଅନୁରୋଧରେ ସମସ୍ତେ ସେଠାରେ ଯାଇ ପ୍ରାର୍ଥନା କରି ଫେରିଲୁ। ସ୍ମୃତିମନ୍ଦିରର ପଛପାଖରେ ଥିବା ପୋଖରୀଟା ପୋତାହୋଇ

ସେଠାରେ ମଧ୍ୟ ଗୃହ ନିର୍ମାଣ ପାଇଁ ଶୁଭ ଦିଆଗଲା। ପୂର୍ବାହ୍ନ ୧୦.୦୦ରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସଭା। ରଘୁନାଥପୁର (ସୋର)ଠାରୁ ବାବୁଲି, ଖରିଦଛକରୁ ଲମ୍ବୋଦର ଭାଇ ପ୍ରଭୃତି ଜିଲ୍ଲା ସଂଯୋଜକମାନେ ଆସି ସାରିଥାନ୍ତି। ସଭା ସୁରୁଖୁରୁରେ ସାରି ପ୍ରସାଦ ସେବନ ସରିଯିବା ପରେ ଆରମ୍ଭ ହେଲା ମୂଷଳ ଧାରାରେ ବର୍ଷା। ସେଦିନ ଯାତ୍ରା ଭଦ୍ରଖ ଚରମ୍ପା। ବର୍ଷା ଛାଡ଼ିବା ପରେ ବାହାରିଲୁ।

ଭଦ୍ରଖରେ ପହଞ୍ଚିଲୁ ସନ୍ଧ୍ୟା ପୂର୍ବରୁ। ଚରମ୍ପା ସ୍କୁଲର ସବା ଉପର ମହଲାରେ ଆମ୍ଭେମାନେ ବିଛଣା ପକାଇ ଆମର ବିଶ୍ରାମ ସ୍ଥଳ ପ୍ରସ୍ତୁତ କରିନେଲୁ। ତଳମହଲାର ଗେଷ୍ଟ ରୁମ୍‌ରେ ମାମୁଁ, ନୀରାକାର, ଲକ୍ଷ୍ମୀଧର ଭାଇ ପ୍ରଭୃତି ରହିଲେ। ରାତ୍ରଭୋଜନ ଧରମୁ ଭାଇଙ୍କ ଘରେ। ଧରମୁଭାଇ ଅସୁସ୍ଥ, ଶକୁନ୍ତଳା ଅପା ଚର୍ଚ୍ଚା କରୁଥାନ୍ତି। ସକାଳୁ ସକାଳୁ ମାତୃ ସନ୍ତାନମାନେ ଆସିବା ଆରମ୍ଭ ହେଲା। ଭଦ୍ରଖ ଜିଲ୍ଲାର ସମସ୍ତ ଅଞ୍ଚଳରୁ ଆସି ପହଞ୍ଚିଗଲେ। ଲେଙ୍କାଭାଇ ମଧ୍ୟ ଅସୁସ୍ଥ। ତଥାପି ସେ ଆସି ସଭାରେ ଯୋଗଦେଇଥାନ୍ତି। ଲକ୍ଷ୍ମୀଧର ପାଗଳ ଭାଇ ସଭା ପରିଚାଳନା କଲେ। ଜାନକୀ ଗୋଟିଏ ଅତ୍ୟନ୍ତ ପୁରାତନ ମାତୃକର୍ମୀ। ଅନେକ ଅସୁସ୍ଥତା, ଘାତ-ପ୍ରତିଘାତ ତଥାପି ତା' ମୁହଁରୁ ଏବେ ବି ହସ କେହି ଲିଭାଇ ପାରିନି। ବିଚିତ୍ର କର୍ମୀସବୁ। ଭଦ୍ରଖ ସଭାସାରି ମଧ୍ୟାହ୍ନ ଭୋଜନ ପରେ ଟିକେ ବିଳମ୍ବରେ ଆମେ ଛାଡ଼ିଲୁ। କାରଣ ସେଦିନ ସବୁଠାରୁ କମ୍ ଦୂରତ୍ୱ ଯିବାକୁ ଅଛି। ମାତ୍ର ୩୦ କି.ମି. ପାଣିକୋଇଲି।

ପାଣିକୋଇଲି ଏକ ତୀର୍ଥ କ୍ଷେତ୍ର। ଯାଜପୁର ଜିଲ୍ଲାର ସାଙ୍ଗଠନିକ ସଭା ସେଇଠାରେ ହେବ। ପ୍ରତ୍ୟେକ ବର୍ଷ ମଧ୍ୟ ସେଠାରେ ହେଉଛି। ୧୫ ତାରିଖ ସନ୍ଧ୍ୟାରେ ତାହାରପୁରଠାରେ ଏକ ସ୍ୱତନ୍ତ୍ର ପାଠଚକ୍ର। କୀର୍ତ୍ତନ ଭାଇଙ୍କ ନାତି, ମୀନୁ ଓ ସଦାଙ୍କର ପୁଅ କଲ୍ୟାଣୀୟ ରିଜୁର ଜନ୍ମଦିନ ପାଇଁ ସେଠାରେ ଯୋଗଦେଇ ଫେରିଲୁ। ପରଦିନ ୧୨ ତାରିଖ ଯାଜପୁର ଜିଲ୍ଲାର ସଭା। ଜୋନାଲ ସଙ୍ଗଠକ ପୁରସ୍ତମଭାଇ, କୈଳାସ ଭାଇ ପ୍ରଭୃତି ଅନେକ ନିଷ୍ଠାପର କର୍ମୀ। ଉପର ହଲ ଭର୍ତ୍ତିହୋଇ ଲୋକମାନେ ତଳେ ବସିଲେ। ସମଗ୍ର ସ୍କୁଲର ସବୁସ୍ଥାନରେ କର୍ମୀମାନେ ବସିଥାନ୍ତି। ଅପରାହ୍ନରେ ପ୍ରସାଦ ସେବନ ପରେ ସମସ୍ତେ ଫେରିଲେ କଟକ। ସେଦିନ ସନ୍ଧ୍ୟାରେ ରାଣୀହାଟ ଶ୍ରୀକ୍ଷେତ୍ରଠାରେ ପାଠଚକ୍ରର ବାର୍ଷିକୋତ୍ସବ। ସେଠାରେ ଯୋଗଦେଇ ମାତୃଭବନ ଫେରିଲୁ।

୧୩ ତାରିଖ କେନ୍ଦ୍ରାପଡ଼ା, ୧୪ରେ ଜଗତ୍‌ସିଂହପୁର, ୧୫ରେ ପୁରୀ, ୧୬ରେ ଖୋର୍ଦ୍ଧା (ଜଟଣୀ), ଜିଲ୍ଲାମାନଙ୍କର ସାଙ୍ଗଠନିକ ସଭା ସୁରୁଖୁରୁରେ ସରିଗଲା। ଏ ଚାରୋଟି ସ୍ଥାନରେ ଆମେ କଟକରୁ ଯିବା ଆସିବା କରି ସାରିଲୁ। କୌଣସି ସ୍ଥାନରେ ରାତ୍ରୀଯାପନର ଆବଶ୍ୟକତା ନଥିଲା। କେନ୍ଦ୍ରାପଡ଼ାରେ ଲୁଲୁ, କୀର୍ତ୍ତନ ଭାଇ ସଭା ପରିଚାଳନାରେ ଥାଆନ୍ତି। ସର୍ବେଶ୍ୱର ଭାଇ ସତ୍ୟ ଜୋନ୍‌ର ସବୁ ସ୍ଥାନରେ ଉପସ୍ଥିତ ଥାଆନ୍ତି। ଜଗତ୍‌ସିଂହପୁର ଜିଲ୍ଲାରେ ରମେଶଭାଇ, ଦେବଭାଇ ପ୍ରଭୃତି, ପୁରୀରେ କାନନ ଅପା, ଜଟଣୀରେ ରବିଭାଇ ପ୍ରଭୃତି ସଙ୍ଗଠନ କରୁଥାଆନ୍ତି। ସବୁ ସ୍ଥାନରେ ଅପୂର୍ବ ଉନ୍ମାଦନା ଜଟଣୀରେ ପ୍ରାୟ ୫୦୦ କର୍ମୀ। କୁଆଡୁ କିଛି ଅଣ୍ଟୁନି। ଜାଗା ଅଣ୍ଟୁନି, ବାଣୀ ଅଣ୍ଟୁନି, ଖାଦ୍ୟ ଅଣ୍ଟୁନି। ମାତ୍ର ସବୁ ଠିକ୍ ଚାଲିଛି। ଏହା କେବଳ ମାତୃକୃପା ଛଡ଼ା ଆଉ କିଛି ନୁହେଁ। ଏଥରକ ପ୍ରଥମ କରି ପୁରୁଣା ଭୁବନେଶ୍ୱର ସ୍କୁଲକୁ ବନ୍ଦ କରି ତା'ର ସମସ୍ତ

ଅପାଭାଇମାନେ ତାଙ୍କ ସ୍କୁଲ ବସ୍‌ରେ ଜଟଣୀ ଯାଇଥାନ୍ତି। ଖଣ୍ଡଗିରିରୁ ମଧ ପ୍ରାୟ ୧୦/୧୨ ଜଣ ଯୋଗ ଦେଇଥାନ୍ତି। ପୁରୀରେ ସଙ୍ଗଠନ ଟିକେ ଟିକେ ବାଗ ହେଲାଣି। ସଞ୍ଜୟ ଭାଇ, ତାରେଶ୍ୱର ଭାଇ ପ୍ରଭୃତି ଲାଗିଲେଣି। ଆସ୍ତେ ଆସ୍ତେ ସକ୍ରୀୟ ହୋଇଯିବ।

୧୭ ତାରିଖରେ ଆମେ ବାହାରିଲୁ ନୟାଗଡ଼। ଏଥରକ ପୁରା ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମ ସାରି କଟକ ଫେରିବାକୁ ହେବ ଏବଂ ୩୦ରେ କଟକରେ ଉଦ୍‌ଯାପନ ହେବ।

***ପ୍ରସାଦ ତ୍ରିପାଠୀ***

●

## ଭ୍ରମସଂଶୋଧନ

ଗତ ସଂଖ୍ୟାରେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ବିଶିଷ୍ଟ ମାତୃକର୍ମୀ ସ୍ୱର୍ଗତ ଗୋବର୍ଦ୍ଧନ ମିଶ୍ରଙ୍କ ଦେହାବସାନ ବିଷୟ ପ୍ରକାଶ ପାଇଥିଲା। ମାତ୍ର ଭୁଲବଶତଃ କମ୍ପ୍ୟୁଟରର ସମସ୍ୟା ପାଇଁ ଏହାର କିଛି ଅଂଶ ବାଦପଡ଼ିଯାଇଥିଲା। ଆମର ଏଇ ଅନିଚ୍ଛାକୃତ ତ୍ରୁଟିପାଇଁ ଆମେ ଦୁଃଖିତ। ନିମ୍ନରେ ସମ୍ପୂର୍ଣ୍ଣ ବିବରଣୀଟି ପ୍ରକାଶ କରୁଅଛୁ।

ପରିଚାଳନା ସମ୍ପାଦକ

## ମାତୃକର୍ମଧାରାର ପ୍ରମୁଖ ସାରଥି ଗୋବର୍ଦ୍ଧନ ମିଶ୍ରଙ୍କ ସ୍ମରଣେ



କଳାହାଣ୍ଡି ଜିଲ୍ଲାର ଧରମଗଡ଼ସ୍ଥ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନ ମନ୍ଦିରର ପ୍ରତିଷ୍ଠାତା, ମାତୃକର୍ମଧାରାର ପୁରୋଧା ଶ୍ରୀ ଗୋବର୍ଦ୍ଧନ ମିଶ୍ରଙ୍କର ଗତ ସେପ୍ଟେମ୍ବର ୭ ତାରିଖରେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗୋବର୍ଦ୍ଧନ ଭାଇ ପଶ୍ଚିମ ଓଡ଼ିଶାର ବିଶେଷ କରି କଳାହାଣ୍ଡି ଜିଲ୍ଲାର ଜଣେ ବିଶିଷ୍ଟ ମାତୃକର୍ମୀ ଥିଲେ ଏବଂ ତାଙ୍କରି ଉଦ୍ୟମରେ କଳାହାଣ୍ଡି ଜିଲ୍ଲାରେ ଅତୀତରେ ଅନେକ ମାତୃକର୍ମର ସଙ୍ଗଠନ ହୋଇଥିଲା। ସେ ପ୍ରପତ୍ତି ମହାଶୟଙ୍କର ଅତ୍ୟନ୍ତ ଶ୍ରଦ୍ଧାର ପାତ୍ର ଥିଲେ। ଧରମଗଡ଼ ଗଲେ ପ୍ରପତ୍ତି ତାଙ୍କରି ଘରେ ହିଁ ଅବସ୍ଥାନ କରୁଥିଲେ।

ଗୋବର୍ଦ୍ଧନ ଭାଇ ୧୯୨୭ ମସିହା ମେ ୮ ତାରିଖରେ ତତ୍‌କାଳୀନ କଟକ ଜିଲ୍ଲାର କାଦୁଆପଡ଼ା ଗ୍ରାମରେ ଜନ୍ମ ହୋଇଥିଲେ। ୧୯୫୪ ମସିହାରେ ଶ୍ରୀସୁରେନ୍ଦ୍ର ନାଥ ଦ୍ୱିବେଦୀ ଏବଂ ଶ୍ରୀ ରାମ ମନୋହର ଲୋହିଆଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରଜା ସୋସାଲିଷ୍ଟ ପାର୍ଟିରେ ଯୋଗ ଦେଇ କଳାହାଣ୍ଡି ଜିଲ୍ଲାରେ ସଙ୍ଗଠନ କରିବା ପାଇଁ ଆସିଥିଲେ। ପରବର୍ତ୍ତୀ ଅବସ୍ଥାରେ ୧୯୬୬ ମସିହାରେ ସେଠାରେ ଔଷଧ ବ୍ୟବସାୟ ଆରମ୍ଭ କରି ସେ ସେଠାରେ ସ୍ଥାୟୀ ଭାବରେ ରହିଯାଇଥିଲେ। ଗୋବର୍ଦ୍ଧନ ଭାଇଙ୍କ ପୁତ୍ର ଭାନୁ ବର୍ତ୍ତମାନ ଧରମଗଡ଼ର ମୁଖ୍ୟ ସଙ୍ଗଠକ।

ମାତୃଭବନ ପତ୍ର ଗୋବର୍ଦ୍ଧନ ଭାଇଙ୍କ ପବିତ୍ର ସ୍ମୃତିପ୍ରତି ଗଭୀର କୃତଜ୍ଞତା ଜଣାଉଛି।

# ସଙ୍ଗଠନ ସମାଚାର

### ଶାନ୍ତି ମଣ୍ଡଳ

**ସୁବର୍ଣ୍ଣପୁର:** ୧୧.୯.୧୧ରେ କଦଳୀପାଲିସ୍ଥିତ ପର୍ଶୁରାମ ସେଠୀଙ୍କ ବାସଭବନରେ ଦିବ୍ୟଜନନୀ ମହିଳା ପାଠଚକ୍ରର ଅପାଭାଇଙ୍କ ସହଯୋଗରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

### ସଙ୍ଗତି ମଣ୍ଡଳ

**ବରଗଡ:** ୩୦.୭.୧୧ରେ ଭେଡ଼େନସ୍ଥିତ କୁଳମଣି ସାହୁଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେମରାଜ ମେହେର "ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୭.୮.୧୧ରେ ମାତୃମନ୍ଦିର, ଭେଡେନର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ସାହୁ " ବ୍ୟକ୍ତିଗତ ସାଧନା ଓ ସାମୂହିକ ସାଧନା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଧର ସାହୁ ଅଂଶଗ୍ରହଣ କରିଥିଲେ।... ୨୮.୯.୧୧ରେ ସାଧନାପୀଠ, ସୋହେଲାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଲକ୍ଷ୍ମୀ ଅପାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତିମାନସ ଶକ୍ତି ଓ ଦିବ୍ୟକର୍ମ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରଫୁଲ୍ଲ କୁମାର ପଣ୍ଡା, ବିଜୟିନୀ ମହାପାତ୍ର, ରମେଶ ଚନ୍ଦ୍ର ସାହୁ ଅଂଶଗ୍ରହଣ କରିଥିଲେ।

### ସମତା ମଣ୍ଡଳ

**ସୁନ୍ଦରଗଡ଼:** ୫.୮.୧୧ରେ ଦିଆମୁଣ୍ଡାଠାରେ ସାମୂହିକ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦାମ ଭାଇ, ଧ୍ରୁବ ଭାଇ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୨.୮.୧୧ରେ ଦିଆମୁଣ୍ଡାଠାରେ ସୁଦାମ ଭାଇ ଓ ସ୍ୱର୍ଣ୍ଣ ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦାମ ଭାଇ "ଦୁଃସାହସିକ ଅଭିଯାନ" ସମ୍ପର୍କରେ ଆଲୋଚନା କରିଥିଲେ।... ଅଗଷ୍ଟ ୧୪ ଓ ୧୫ରେ ଦିଆମୁଣ୍ଡା ଗ୍ରାମରେ ପୂଜ୍ୟ ବାବାଜି ମହାରାଜଙ୍କ ଜନ୍ମଦିବସ ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ଆରତୀ ଅପା, ସୁଦାମ ଅପା "ବାବାଜି ମହାରାଜଙ୍କ ଜୀବନୀ" ସମ୍ପର୍କରେ, "ଶ୍ରୀଅରବିନ୍ଦଙ୍କ ଜୀବନୀ ଓ କଳକୀ ଅବତାର" ସମ୍ପର୍କରେ ସୁଦାମ ଭାଇ ଓ ଧ୍ରୁବ ଭାଇ ଆଲୋଚନା କରିଥିଲେ।... ୩୦.୮.୧୧ରେ ଲବଣୀଧର ପଟେଲଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଦେବୀଦତ୍ତ କରଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯୋଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୁଧ ଭାଇ, ଧ୍ରୁବ ଭାଇ, ମୀନତି ଅପା, ସୁଦାମ ଭାଇ ଅଂଶଗ୍ରହଣ କରିଥିଲେ।

### ଆସ୍ଥା ମଣ୍ଡଳ

**କେନ୍ଦୁଝର:-** ତେନ୍ତୁଳିନଣ୍ଡାଠାରେ ଏକ ସ୍ୱାଧ୍ୟାୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଟଡିହି ବ୍ଲକର ସମସ୍ତ ମାତୃପ୍ରେମୀ ଯୋଗଦାନ କରିଥିଲେ।... ୧.୮.୧୧ରେ ଛେନାପଦିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ଓ ପୂର୍ଣ୍ଣଯୋଗ", "ଆତ୍ମାର

ଆବିଷ୍କାର” ସମ୍ପର୍କରେ ଖଗେନ୍ଦ୍ର ଭାଇ, ଦନୁ ଭାଇ, କୀର୍ତ୍ତନ ଭାଇ,ଫକୀର ଭାଇ, ରାଧା ନାନୀ, ଗୁନ ଭାଇ, ଲକ୍ଷ୍ମୀ ଅପା ଆଲୋଚନା କରିଥିଲେ।... ୧୪.୮.୧୧ରେ ମାତୃନିଳୟଠାରେ ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଜେଲରୋଡସ୍ଥିତ ସନ୍ତୋଷ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଜୟ ଭାଇ ଓ ବିରଞ୍ଚି ଭାଇ “ବାବାଜି ମହାରାଜଙ୍କ ଜୀବନୀ” ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୮.୧୧ରେ ମାତୃନିଳୟଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି।... ୧୫.୮.୧୧ରେ କଇନିପୁରା, ତେନ୍ତୁଳିନଡା, ଛେନାପଦି, ସୁଲଡା, ମୁଗୁପୁର, ପଳରା, ବେଲବାହାଲୀ, ଚମ୍ପୁଆ, ତେଲକୋଇଠାରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି।... ୮.୯.୧୧ରେ କଇନିପୁରାସ୍ଥିତ ପହଲି ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳନ ଅବସରରେ ଅଜୟ ଭାଇ ଅଂଶଗ୍ରହଣ କରିଥିଲେ।... ୧୦.୯.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିନିଦାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଜୟ ଭାଇ, ଦାଶରଥି ଭାଇ, ସୁରେଶ ଭାଇ, ନିରଞ୍ଜନ ଭାଇ ଯୋଗଦାନ କରିଥିଲେ।... ୧୧.୯.୧୧ରେ ଛେନାପଦିଠାରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ରରେ “ଯୋଗାଧାର” ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।... ୧୭.୯.୧୧ରେ କଇନିପୁରାସ୍ଥିତ ଭାଗିରଥି ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁନ ଭାଇ, ଜାନକୀ ଅପା, କୁମୁଦ ଅପା ଅଂଶଗ୍ରହଣ କରିଥିଲେ।... ୨୭.୯.୧୧ରେ ସୁଲଡା ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁନ ଭାଇ, ବୃନ୍ଦାବନ ଭାଇ ଅଂଶଗ୍ରହଣ କରିଥିଲେ।... ୨୭.୯.୧୧ରେ ସନାତନ ଭାଇଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୩୦.୯.୧୧ରେ ଉଖୁଣ୍ଡାସ୍ଥିତ ନାରାୟଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ପାଳନ ଅବସରରେ ଅଜୟ ଭାଇ ଆଲୋଚନା କରିଥିଲେ।

**ଭଦ୍ରକ:-**୨୮.୮.୧୧ରେ ତିହିଡି ବଜାରସ୍ଥିତ ଶ୍ରୀଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ର ଗୃହରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୮୯ତମ ଅଧିବେଶନ ନିରଞ୍ଜନ ନାୟକଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଅସତ୍ୟ, ପ୍ରମାଦ, ଅଧର୍ମ ଓ ଅଶିବ: ନିଦାନ ଓ ନିରାକରଣ” ସମ୍ପର୍କରେ ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ।... ୪.୯.୧୧ରେ ଆଗରପଡାସ୍ଥିତ ଦେବଦତ୍ତ ରାୟଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ମା’ଙ୍କ ସେବା ଭାବେ ସକଳ କର୍ମ କାହିଁକି ?” ସମ୍ପର୍କରେ ଇନ୍ଦ୍ରମଣି ମହଲ, ଫକୀର ଶଙ୍ଖୁଆ, ଭକ୍ତହରି ରଥ, କୀର୍ତ୍ତନ ବିହାରୀ ବ୍ରହ୍ମ ଆଲୋଚନା କରିଥିଲେ।... ୧୮.୯.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚରମ୍ପାଠାରେ ଜଗବନ୍ଧୁ ଲେଙ୍କାଙ୍କ ଆୟୋଜନରେ ଅନୁଷ୍ଠିତ ହୋଇାଯାଇଛି। ଏଥିରେ “କେବଳ ସତ୍ୟ” ସମ୍ପର୍କରେ ଇନ୍ଦ୍ରମଣି ମହଲ, କାର୍ତ୍ତିକେଶ୍ୱର ଖୁଣ୍ଟିଆ, ଭକ୍ତହରି ରଥ, “ମାନବ ଜାତିର ଭବିଷ୍ୟତ ଓ ଶ୍ରୀଅରବିନ୍ଦ” ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ ଆଲୋଚନା କରିଥିଲେ।...

୧୦.୯.୧୧ରେ ଭଦ୍ରକସ୍ଥ ସାରଦା ଭବନରେ ଶ୍ରୀଅରବିନ୍ଦ ସାବିତ୍ରୀ ସ୍ୱାଧ୍ୟାୟ ମଣ୍ଡଳର ୮୫ତମ ଅଧିବେଶନ ସନାତନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଆତ୍ମାର ପୁନର୍ଜନ୍ମ" ସମ୍ପର୍କରେ ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ ।... ୪.୯.୧୧ରେ ଅଗରପଡାସ୍ଥିତ ଆଦିତ୍ୟ ପ୍ରସାଦ ରାୟଙ୍କ ଆଦିତି ମିକ୍ସଚର ଫ୍ୟାକ୍ଟରୀ ପରିସର ମଧ୍ୟରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୨୧୮ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସମସ୍ତ କର୍ମ ମା'ଙ୍କ ସେବା ଭାବରେ ଉତ୍ସର୍ଗ କାହିଁକି ?" ସମ୍ପର୍କରେ ଇନ୍ଦ୍ରମଣି ମହଲ, ଭକ୍ତହରି ରଥ, "Those who look upon me grieve as no more" ସମ୍ପର୍କରେ ଫକୀର ଚରଣ ଶଙ୍ଖୁଆ, କୀର୍ତ୍ତନ ବିହାରୀ ବ୍ରହ୍ମ ଆଲୋଚନା କରିଥିଲେ ।... ୨୫.୯.୧୧ରେ ଧଳସାହି, ଚରମ୍ପାଠାରେ କଳ୍ପନା ମହାନ୍ତିଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା'ଙ୍କ ଧାରାରେ ନାରୀହିଁ ଗୃହକୁ ବୈକୁଣ୍ଠ ପରି କରିପାରେ ।", "ପରିବାରର ସୁଖ ଶାନ୍ତିରେ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା", "ସାବିତ୍ରୀଙ୍କ ସାଧନାର ରହସ୍ୟ" ସମ୍ପର୍କରେ ଭକ୍ତିହରି ରଥ, ବସନ୍ତ ମଞ୍ଜରୀ ନନ୍ଦ, ମିନତୀ, ବାସନ୍ତୀ, କୀର୍ତ୍ତିମାଳା, ଗୋଲକ ବିହାରୀ ସାହୁ ଆଲୋଚନା କରିଥିଲେ ।

### ନିଷ୍ଠା ମଣ୍ଡଳ

**ଖୋର୍ଦ୍ଧା:-** ୧୦.୭.୧୧ରେ ଭୀମଟାଙ୍ଗୀସ୍ଥିତ ସୁରେଶ ଭାଇଙ୍କ ବାସଭବନରେ LB-19ରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବୈରାଗ୍ୟ ନୁହେଁ ରୂପାନ୍ତର" ସମ୍ପର୍କରେ ମହେନ୍ଦ୍ର ଭାଇ, ଶରତ ଭାଇ, ଆଚାରୀ ଭାଇ ଆଲୋଚନା କରିଥିଲେ ।... ୨୮.୭.୧୧ରେ ଜିଜିପି କଲୋନୀଠାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଣୁ ଅପା, ଆନନ୍ଦ ଭାଇ, ପ୍ରଦୀପ୍ତ ଭାଇ "ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ ।... ୪.୮.୧୧ରେ ଉପେନ୍ଦ୍ର କୁମାର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ମନୋରଞ୍ଜନ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।... ୪.୮.୧୧ରେ ବନ୍ଧାଳୋଠାରେ ପ୍ରତିଜ୍ଞାର ବାସଭବନରେ ଦିବ୍ୟକୃପା ଶ୍ରୀଅରବିନ୍ଦ ପାଠଚକ୍ର ତରଫରୁ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିବସରେ ଯାଜ୍ଞସେନୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୭.୮.୧୧ରେ ବାଣିବିହାର ପରିସରରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶରତ ଭାଇ ମହେନ୍ଦ୍ର ଭାଇ, ଆନନ୍ଦ ଭାଇ, ଆଚାରୀ ଭାଇ ଯୋଗଦାନ କରି "ଦୀକ୍ଷା ନୁହେଁ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୪.୮.୧୧ରେ ଖପୁରୀଆପଦାର ହୃଷିକେଶ ସାହୁଙ୍କ ବାସଭବନରେ ଶର୍ମିଳା ସାହୁଙ୍କ ଅଧକ୍ଷତାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୪.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଳୋଠାରେ ପରମପୂଜ୍ୟ ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି ।... ୧୫.୮.୧୧ରେ ଜି.ଜି.ପି କଲୋନୀସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି । ଏଥିରେ ଶରତ ଭାଇ, ପ୍ରଫୁଲ୍ଲ ଭାଇ, ଆଚାରୀ ଭାଇ ଅଂଶଗ୍ରହଣ କରିଥିଲେ ।... ଅଗଷ୍ଟ ୧୪ ଓ ୧୫ରେ ବାବାଜି ମହାରଜଙ୍କ ଜନ୍ମଦିବସ ଓ ପରମପ୍ରଭୁ

ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ହୃଷି ଭାଇଙ୍କ ବାସଭବନରେ ପାଳିତ ହୋଇଯାଇଛି।... ୧୫.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଳୋର ରଜତ ଜୟନ୍ତୀ ପୂର୍ଣ୍ଣଉତ୍ସବ ତଥା ଶ୍ରୀଅରବିନ୍ଦଙ୍କ ୧୩୯ତମ ଜନ୍ମଦିସବ ଇନ୍ଦ୍ରମଣି ମହଲଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ "ଭାରତର ନବଜନ୍ମ ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ। ଅପରାହ୍ନରେ ରୌପ୍ୟଜୟନ୍ତୀ ପୂର୍ଣ୍ଣ ଉପଲକ୍ଷ୍ୟେ ପ୍ରଦୀପ ଭାଇଙ୍କ ପୌରୋହିତ୍ୟରେ ବୃକ୍ଷରୋପଣ କରାଯାଇଥିଲା।

### ସତ୍ୟ ମଣ୍ଡଳ

**କଟକ:-** ୨.୮.୧୧ରେ କମାପୁରଠାରେ ଚିତ୍ତରଞ୍ଜନ ମଲ୍ଲିକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଛାତ୍ରର କର୍ତ୍ତବ୍ୟ", "ସରଳ ବିଶ୍ୱାସ", "ଦିବ୍ୟପ୍ରକାଶ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୯.୯.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭାଲିଆକତାର ତ୍ରୟୋଦଶ ପ୍ରତିଷ୍ଠା ଦିବସ ଅଞ୍ଜଳି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଦାନନ୍ଦ ସ୍ୱାଇଁ "ପୂର୍ଣ୍ଣାଙ୍ଗ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ରମେଶ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ଭାଇ, ଦେବରାଜ ପାତ୍ର, ରୀତାଞ୍ଜଳୀ ସ୍ୱାଇଁ ଅଂଶଗ୍ରହଣ କରିଥିଲେ।... ୧୧.୯.୧୧ରେ ସିଦ୍ଧେଶ୍ୱରପୁରସ୍ଥିତ କୁମୁଦିନୀ ପଣ୍ଡାଙ୍କର ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆତ୍ମା ବିକାଶ ସକାଶେ ନୈମିତ୍ତିକ କର୍ମ", "ଜୀବନ ଉନ୍ନତିରେ ବ୍ରହ୍ମଚର୍ଯ୍ୟ ହିଁ ପ୍ରାଣ", "କାର୍ଯ୍ୟକାରୀ କ୍ଷମତାର ଉତ୍ତମ ସମୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୮.୧୧ରେ ଶ୍ରୀଅରବିନ୍ଦ ପାଠମନ୍ଦିର, ସିଦ୍ଧେଶ୍ୱରପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବର୍ତ୍ତମାନ ସମୟର ଆହ୍ୱାନ" ସମ୍ପର୍କରେ ଆଲେଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୈବଲ୍ୟ ଜେନା ଅଂଶଗ୍ରହଣ କରିଥିଲେ।

**ଜଗତସିଂହପୁର:-** ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଜଗତସିଂହପୁର ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକମାନଙ୍କର ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଜନ କୁମାର ସାହୁ, ଟୁଟୁ ଦାସ ଅଂଶଗ୍ରହଣ କରିଥିଲେ।

**କେନ୍ଦ୍ରାପଡା-** ୪.୯.୧୧ରେ କେନ୍ଦ୍ରାପଡ଼ା ଜିଲ୍ଲାର ସାଙ୍ଗଠନିକ ବୈଠକ ଭଗବତୀ ପ୍ରସାଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୫.୯.୧୧ରେ ଚକଡ଼ାସ୍ଥିତ ହରେକୃଷ୍ଣ ପଣ୍ଡାଙ୍କ ବାସଭବନରେ ଦିବ୍ୟଜୀବନ ଶ୍ରୀଅରବିନ୍ଦ ପାଠଚକ୍ର ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶୁକଦେବ ସାମଲ, ଅଞ୍ଜନା ପ୍ରଧାନ, ସନ୍ତୋଷ କୁମାର ନାୟକ ଅନୁଷ୍ଠିତ ହୋଇଯାଇଛି।... ୧୬.୯.୧୧ରେ ବନ୍ଧସାହିସ୍ଥିତ ଶୁକଦେବ ସାମଲଙ୍କ ବାସଭବନରେ ଲୀନାରାଣୀ ସାହୁଙ୍କ ପରିଚାଳନାରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଙ୍କୀମଚନ୍ଦ୍ର ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୧୭.୯.୧୧ରେ ବନ୍ଧସାହିସ୍ଥିତ ବୈଷ୍ଣବ ଚରଣ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବ ଶୁକଦେବ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୧୮.୯.୧୧ରେ କେନ୍ଦ୍ରାପଡ଼ା

ଜିଲ୍ଲାର ସାଙ୍ଗଠନିକ ବୈଠକ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।... ୨୫.୯.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଣ୍ଡାଳୋଠାରେ କେନ୍ଦ୍ରାପଡ଼ା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗବନ୍ଧୁ ପ୍ରଧାନ, ଉର୍ମିଳା ରାଉତ, ବିପିନ ବିହାରୀ କର, ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।

**କୃପା ମଣ୍ଡଳ:-**

**ଢ଼େଙ୍କାନାଳ:-** ୮.୯.୧୧ରେ ପର୍ଜଙ୍ଗସ୍ଥିତ ଅମିତା ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ଶ୍ୱେତ ଗୋଲାପ ପାଠଚକ୍ରର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଧୁରୀ ଅପା "ଅଭିମାନ ଓ ପରିତ୍ୟାଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୯.୭.୧୧ରେ ପର୍ଜଙ୍ଗସ୍ଥିତ ବୈଜୟନ୍ତୀ ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ମଧୁମୟୀ ପାଠଚକ୍ରର ୭ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ 'ସମର୍ପଣ" ସମ୍ପର୍କରେ ପ୍ରଫୁଲ୍ଲ ଭାଇ ଓ ଝଲୀ ଅପା ଆଲୋଚନା କରିଥିଲେ।... ୨୦.୭.୧୧ରେ ପର୍ଜଙ୍ଗସ୍ଥିତ ଜ୍ୟୋତିର୍ମୟୀ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ନବଚେତନ ପାଠଚକ୍ରର ବାର୍ଷିକୋତ୍ସବ ପାଳନ ଅବସରରେ ମାଧୁରୀ ଅପା "ମା'ଙ୍କର ଚାରୋଟି ଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୭.୭.୧୧ରେ ପର୍ଜଙ୍ଗ ଗ୍ରାମରେ ଶାନ୍ତିଲତା ତ୍ରିପାଠୀଙ୍କ ବାସଗୃହରେ ଶ୍ରୀଅରବିନ୍ଦ ସ୍ନେହମୟୀ ପାଠଚକ୍ରର ୭ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି।... ୩୦.୭.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କଳିଙ୍ଗାପାଳଠାରେ ଅଭିଭାବକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି ଅପା, କୁଲୁ ଅପା "ଆଧ୍ୟାତ୍ମିକ ପରିବେଶର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।... ୫.୮.୧୧ରେ ନରଣପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ବାସଭବନରେ ଜ୍ୟୋତିର୍ମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ରୂପାନ୍ତର କ୍ରିୟାରେ ଆକ୍ରମଣ" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୮.୧୧ରେ ଗୁଡିଆନାଳୀସ୍ଥିତ କୁଞ୍ଜବିହାରୀ ମିଶ୍ରଙ୍କ ବାସଭବନରେ ଦିବ୍ୟଜ୍ୟୋତି ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକୋତ୍ସବ ପାଳନ ଅବସରରେ କୁନି ଅପା, ଟିକି ଅପା "ଅର୍ଥ ଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୮.୧୧ରେ ଟାଉନ ପ୍ଲାନିଙ୍ଗସ୍ଥିତ ଅନ୍ତର୍ଯାମୀ ସାହୁଙ୍କ ବାସଭବନରେ ପ୍ରେମମୟୀ ମହିଳା ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ କୁନି ଅପା ଓ ବିଷ୍ଣୁ ଅପା "ମନୁଷ୍ୟର ପ୍ରକୃତି" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୮.୧୧ରେ ଷ୍ଟେସନବଜାରସ୍ଥିତ ମଦନମୋହନ ସାହୁଙ୍କ ବାସଭବନରେ ସତ୍ୟମୟୀ ମହିଳା ପାଠଚକ୍ରର ଷୋଡଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ କୁନି ଅପା, ବିଷ୍ଣୁ ଭାଇ "ଆନ୍ତର ପରିଚ୍ଛନ୍ନତା" ସମ୍ପର୍କରେ ଆଲୋଚନା କରିଥିଲେ।

**ସମର୍ପଣ ମଣ୍ଡଳ**

**କଳାହାଣ୍ଡି-** ୧୦.୯. ୧୧ରେ ରିଷିଡାର କହ୍ଲାରପଡ଼ାଠାରେ କସ୍ତୁରୀ ରଣାଙ୍କର ବାସଭବନରେ ନୂତନ ଭାବେ ଶ୍ରୀମାରାରୋବିନ୍ଦୋ ଯୁବଛାତ୍ରୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନ୍ଦ୍ରମଣି ରଣା "ଶ୍ରୀମାଶ୍ରୀଅରବିନ୍ଦଙ୍କର ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।

**କୋରାପୁଟ-** କୋଟପାଡ଼ଠାରେ ଜୁଲାଇ ୧୯,୩୦, ୩୧, ଅଗଷ୍ଟ ୬, ୭,୯,

୧୭,୧୯, ୨୧ ତାରିଖରେ ଯଥାକ୍ରମେ ତୁଳସୀ, ଜୟା, ଆଶା, ପ୍ୟାରୀ, ନିତା, ସନାତନ, ଅନନ୍ୟା, ଶାନ୍ତି, ପିଙ୍କୁଙ୍କ ବାସଭବନରେ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଷ୍ଣୁ, ବସନ୍ତ, ମଧୁ, ନମିତା, ମାଧୁରୀ, ସୁମି, ଉଷା, ସଚ୍ଚି ଅଂଶଗ୍ରହଣ କରିଥିଲେ ।... କୋରାପୁଟରେ ଅଗଷ୍ଟରେ ୪,୧୩, ୧୪, ୧୫, ୧୮, ୨୧ ତାରିଖରେ ଶ୍ରୀଅରବିନ୍ଦ ନଗରସ୍ଥିତ କମଳାକାନ୍ତ ମହାନ୍ତି, ମାଳିସାହିସ୍ଥିତ କୁଳମଣି ନାୟକ, ଶ୍ରୀଅରବିନ୍ଦ ଭବନ, ଅମିନ୍ ଲାଇନ ସୁନିତା ନାୟକ, ସେମିଳିଗୁଡାସ୍ଥିତ ଅଧ୍ୟାପିକା ଝାନସୀ ସିଂଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଶାନ୍ତ ଭାଇ, ଅଲ୍ଲୀ ଭାଇ, ସୁଧା ଅପା, ଏ.ଭି. ଆପ୍ପା, ମମତା ସାମଲ, ସୁଦର୍ଶନ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।... ୭.୮.୧୧ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଲଳିତମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓ ପ୍ରୀତିଧାରା ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରେକୃଷ୍ଣ ପ୍ରଧାନ "ଚେତନାର ବିଭିନ୍ନସ୍ତର" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନୋରମା ପାତ୍ର, ସୁଜାତା ପତି, ସୁରମା ରଥ, ଜଟାଧାରୀ ଦଳେଇ, ସୁନିତା ନାୟକ, ମେରୀ ଅପା, ମମତା ସାମଲ, ସନ୍ତୋଷୀ ଅପା, ମଧୁସ୍ମିତା ସାହୁ, ବିଜି ଅପା, ମାଧୁରୀ ଦାଶ, ମନୋରମା ଅପା, ସଞ୍ଜୁକ୍ତା ମାଦଳ ଅଂଶଗ୍ରହଣ କରିଥିଲେ ।... ୨.୯.୧୧ରେ କୋଟପାଡସ୍ଥିତ ବିଜୟା ଦିଦିଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଏକ ଅସାଧାରଣ ମୁହୂର୍ତ୍ତ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୪.୯.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡ଼ଠାରେ ପ୍ରତାପ ଭାଇଙ୍କ ଶ୍ରୀଅରବିନ୍ଦ ପାଠଚକ୍ର ଉଷା ଅପାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜାତୀୟ ଯୋଗ" ଓ "ସାବିତ୍ରୀ" ସମ୍ପର୍କରେ ସଚ୍ଚି ଭାଇ, ସରୋଜ ଭାଇ ଆଲୋଚନା କରିଥିଲେ ।... ୭.୯.୧୧ରେ କୋଡପାଡ଼ର ମହାନ୍ତି ସାହିସ୍ଥିତ ସଚ୍ଚି ଭାଇଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୩.୯.୧୧ରେ କୋଟପାଡସ୍ଥିତ ସୁରମା ଅପାଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଶା ଅପା, ବସନ୍ତ ଭାଇ "କେହି ଯଦି ଆମକୁ ତାଚ୍ଛଲ୍ୟ କରେ ଓ କ'ଣ କରୁଛ ତା ବଡ଼ କଥା ନୁହେଁ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୬.୯.୧୧ରେ ଗୋବିନ୍ଦ ଭାଇଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ସୁମି ଅପା ଓ ମିତା ଅପାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭକ୍ତି ଓ ଆସ୍ପୃହା" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨୦.୯.୧୧ରେ କୋଟପାଡସ୍ଥିତ ସାନିଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯୋଇଛି । ଏଥିରେ "ପ୍ରଭୁଙ୍କ ଉପରେ ଛାଡ଼, ସେ ସବୁ କରିବେ ।" ସମ୍ପର୍କରେ ବିପିନ୍ ଭାଇ ଆଲୋଚନା କରିଥିଲେ ।

**ନବରଙ୍ଗପୁର:-** ୧.୮.୧୧ରେ ରାଇଘର କୋଟପାଡସ୍ଥିତ ଶାନ୍ତିଲତା ସୁନ୍ଦରାୟଙ୍କ ବାସଭବନରେ ପଞ୍ଚଦଶତମ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ଅଗଷ୍ଟ ୫,୧୧,୧୪,୨୭ ରେ ବାପି ଭାଇ, ମୀରା ଅପା, ପ୍ରତିମା ଅପା, ପାୟଲ ଅପା,

ହେମନ୍ତ ଭାଇଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୪.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ରାଇଘରଠାରେ ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ଶାନ୍ତି ଅପା, ଦେବେନ୍ଦ୍ର ଭାଇ, ଶୁଭ ଅପା, ମହେନ୍ଦ୍ର ଭାଇ, ଗୋପାଳ ଭାଇ, ବିଷ୍ଣୁ ଭାଇ, ମହାରଣା ଭାଇ, ମହେନ୍ଦ୍ର ତ୍ରିପାଠୀ ଭାଇ, ପ୍ରତିମା ଅପା ଆଲୋଚନା କରିଥିଲେ।... ୧୫.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ରାଇଘରଠାରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ଗୋପାଳ ସୁନ୍ଦରରାୟ, ବିଷ୍ଣୁ ଅପା, ଗୋପାଳ ମୁଦୁଲି, ମହାମାନସିଂ, ଗଣେଶ, ବ୍ରଜମାନସିଂ, ପ୍ରତିମା, ମାମା, ଦେବେନ୍ଦ୍ର, ଶାନ୍ତି, ମହେନ୍ଦ୍ର ଭାଇ ଅଂଶଗ୍ରହଣ କରିଥିଲେ।... ୧୪.୮.୧୧ରେ ନବରଙ୍ଗପୁର ଓ ବି. ମାଳିଗୁଡାଠାରେ ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି।... ୧୫.୮.୧୧ରେ ଶ୍ରୀଅରବିନ୍ଦ ଅତିମାନସ କେନ୍ଦ୍ର, କୋଡିଙ୍ଗାଠାରେ ଅଭିଭାବକ ସମ୍ମିଳନୀରେ ରମାକାନ୍ତ ଜେନା, ସୁରେଶ ଚନ୍ଦ୍ର ମିଶ୍ର, ଲଳିତ ମୋହନ ପଟ୍ଟନାୟକ ଆଲୋଚନା କରିଥିଲେ।... ୧୫.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବାସିନୀ, ରାଜେନ୍ଦ୍ର, ଲଳିତ, ଉଷା, ଚନ୍ଦନ, ସୁରେଶ, ମମତା ପାଳ, ସଙ୍ଗୀ, ସୁଜାତା ଅଂଶଗ୍ରହଣ କରିଥିଲେ।... ୧.୨୨,୨୫ ରେ ଦ୍ୱାରିକା ନଗରସ୍ଥ ମନୋଜ ବଳବନ୍ତ, ଗୀତା ବେହେରା, ଶାନ୍ତନୁ କୁମାର ବଳବନ୍ତ, ଅରୁଣା କୁମାରୀ ପାତ୍ର, ବନ୍ଦିତା କର, ପ୍ରଦିପ କୁମାର ମିଶ୍ରଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ସୁଜାତା ମିଶ୍ର, ଉଷାରାଣୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।... ୨୮.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଉମରକୋଟଠାରେ ଜିଲ୍ଲାସ୍ତରୀୟ ଦଶକର୍ମଧାରାର ମେଡିକାଲ ଆସୋସିଏସନ୍‌ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିମନ୍ୟୁ ଦାସ, ରମାକାନ୍ତ ଜେନା, କୁସୁମ ନାୟକ, ପଞ୍ଚାନନ ମିଶ୍ର, ହରେକୃଷ୍ଣ ପ୍ରଧାନ, ସୁରେଶ ଚନ୍ଦ୍ର ମିଶ୍ର, ଲଳିତ ମୋହନ ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ଶାନ୍ତିଲତା ସୁନ୍ଦରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୮.୮.୧୧ରେ ଉମରକୋଟସ୍ଥିତ ମଳୟ କୁମାର ବିଷୋୟୀ ଓ ବିମଳା ବିଷୋୟୀଙ୍କ ବାସଭବନରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ବତୀ ଅପା, ଝୁନି ଅପା, ଝିଲୀ ଅପା, ଡମୁଣି ଅପା, ସୁଜାତା ମିଶ୍ର, ରମାକାନ୍ତ ଜେନା, ଅଭିମନ୍ୟୁ ଦାସ, ହରେକୃଷ୍ଣ ପ୍ରଧାନ, ସୁରେଶ ଚନ୍ଦ୍ର ମିଶ୍ର, ଲଳିତମୋହନ ପଟ୍ଟନାୟକ ଯୋଗଦାନ କରିଥିଲେ।

**ମାଲକାନଗିରି:-** ୧୫.୮.୧୧ରେ ମାଲକାନଗିରିଠାରେ ଶ୍ରୀଅରବିନ୍ଦ ପାଠଚକ୍ର ସୀତାଂଶୁ ଶେଖର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟାନନ୍ଦ ଦାସ, ବିଚିତ୍ରାନନ୍ଦ ରାଉତ ଅଂଶଗ୍ରହଣ କରିଥିଲେ।

**କଳାହାଣ୍ଡି:-** ୧୫.୮.୧୧ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୋରିଆଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣ, କ୍ଷୀର, ବାସୁଦେବ, ହରେକୃଷ୍ଣ, ତପିବର, ରାମେଶ୍ୱର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଦେବଗଡ:-** ଅଗଷ୍ଟ ୨୦ ଓ ୨୧ ଦୁଇଦିନଧରି

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେନ୍ଦେଇଜୁରୀଠାରେ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଧାକାନ୍ତ ମିଶ୍ର, ସରୋଜ ପଟ୍ଟନାୟକ, ହୃଷିକେଶ ଦେହୁରୀ, ଡମ୍ବରୁଧର ସାହୁ, ଅଶୋକ ନାୟକ "ଜୀବନ ସତ୍ୟ", "ଆମେ ଅଛୁ କାହିଁକି ?", "ଏକ ନୂତନ ଜାତିର ଆଗମନ" ସମ୍ପର୍କରେ ଆଲୋଚନା କରିଥିଲେ ।... ସେପ୍ଟେମ୍ବର ୨୬, ୨୭,୨୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦେବଗଡଠାରେ ବିଜ୍ଞାନ ଓ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଦୀନେଶ କୁମାର ପ୍ରଧାନ, ରାଧାରମଣ ପଟେଲ ଅଂଶଗ୍ରହଣ କରିଥିଲେ ।... ୧.୯.୧୧ରେ ଦିବ୍ୟପୁରୀ ଶ୍ରୀଅରବିନ୍ଦ ଆଶ୍ରମ, ନୂଆଗାଁର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେବୀଦତ୍ତ କର, ଅଜୟ କୁମାର ପଟେଲ "ଜୀବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ ।... ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଯାଇଥିବା ଶ୍ରୀଅରବିନ୍ଦ ପାଠଚକ୍ର- ୫.୯.୧୧ରେ ଶାମାଗାଳି, ଟାରଙ୍ଗ, କାଦୋପଡା, ଟିଙ୍କବୀର, ଭିତରବନ୍ଧ, ଛତାବର, ୧୧.୯.୧୧ରେ ଖଜୁରୀଦହ, ଶରଧାପୁର, କେନ୍ଦେଇଜୁରୀଳ ପାଲୁଣୀପତିକେଇବଣି ୧୮.୯.୧୧ରେ ଚନ୍ଦନଖୁଣ୍ଟି, ବାରକୋଟ, ବାହାଡପଶି, ବଲଣ୍ଡା ସିଂ, ଶାଳ, ଜାମୁନାଳି, ନୂଆଗାଁଠାରେ ଓ ୨୫.୯.୧୧ରେ ରବି ଭାଇ, ଡମ୍ବରୁ ଭାଇ, ଦେହୁରୀ ଭାଇ, ଟିକେଶ୍ୱର ଦାସ, ସରୋଜିନୀ ଅପାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି ।

### ମାତୃଭକ୍ତ ଏବଂ ପ୍ରବୀଣ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଭାସ ରଞ୍ଜନ ଚୌଧୁରୀଙ୍କ ବିୟୋଗ

ଆବିର୍ଭାବ:୧୮.୩.୧୯୪୦ ତିରୋଧାନ : ୧୧.୭.୨୦୧୧

ଶ୍ରୀ ଚୌଧୁରୀ ତରୁଣ ବୟସରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନରେ ଅନୁପ୍ରାଣିତ ହୋଇ ଜଣେ ଆଦର୍ଶ ଶିକ୍ଷକ ଭାବରେ ଶିକ୍ଷାଦାନ ସହିତ ମାତୃକାର୍ଯ୍ୟରେ ଅକୁଣ୍ଠ ସହଯୋଗ କରି ଆସିଥିଲେ। ପ୍ରାୟ ଚାଳିଶ ବର୍ଷ ତଳୁ ନିଜ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରତିଷ୍ଠା କରି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସଫଳ ଭାବେ ତା'ର ପରିଚାଳନା କରି ଆସିଥିଲେ। କୁଜଙ୍ଗଠାରେ ବିଶେଷ କରି କୁଜଙ୍ଗସ୍ଥ ବନବିହାରୀ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଯେତେ ସବୁ ପାଠଚକ୍ର ସମ୍ମିଳନୀ ଓ ଶ୍ରୀଅରବିନ୍ଦ ଯୁବଛାତ୍ର ଶିକ୍ଷା ଶିବିର ଆଦି ଅନୁଷ୍ଠିତ ହୋଇ ଆସିଛି ସେସବୁର ସଫଳ ରୂପାୟନ ପାଇଁ ସେ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରୁଥିଲେ ।ଏକସ୍ତରୀ ବର୍ଷର ଏକ ସଫଳ ଜୀବନ ଅତିବାହିତ କରି ସେ ଗତ ଜୁଲାଇ ୧୧ ତାରିଖ ଦିନ ଶରୀର ତ୍ୟାଗ କରିଅଛନ୍ତି। "ମାତୃଭବନ ପତ୍ର" ତାଙ୍କର ଅମର ଆତ୍ମା ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

# ତେତ୍ରିଂଶତମ ନିଖିଳ ଉତ୍କଳ
# ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ
# ମାତୃଭବନ, କଟକ
# ୨୪, ୨୫, ୨୬ ଜାନୁୟାରୀ ୨୦୧୨

ଆସନ୍ତା **ତେତ୍ରିଂଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ** ୨୦୧୨ ଜାନୁୟାରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **କଟକ, ମାତୃଭବନ ପ୍ରାଙ୍ଗଣ**ରେ ଅନୁଷ୍ଠିତ କରାଯିବା ପାଇଁ ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଉପଲକ୍ଷ୍ୟେ ଏକ ସୁଦୃଶ୍ୟ ସ୍ମରଣିକା ପ୍ରକାଶ କରିବାପାଇଁ ଆୟୋଜନ କରାଯାଉଅଛି। ଏଥିପାଇଁ ଓଡ଼ିଶାର ମାତୃପ୍ରେମୀ ବିଶେଷକରି ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଭଉଣୀମାନଙ୍କୁ ଲେଖା ପଠାଇବାକୁ ଅନୁରୋଧ। ଲେଖାଗୁଡ଼ିକ **ଶ୍ରୀମତୀ ଅଞ୍ଜଳି ସିହ୍ନା, ମାତୃଭବନ, ଶ୍ରୀଅରବିନ୍ଦମାର୍ଗ, କଟକ-୭୫୩୦୧୩**ଙ୍କ ନିକଟରେ ନଭେମ୍ବର ଶେଷସୁଦ୍ଧା ପହଞ୍ଚିବା ନିହାତି ଆବଶ୍ୟକ। ତା'ସହିତ ଏଥିପାଇଁ କିଛି ବିଜ୍ଞାପନ ମଧ୍ୟ ସଂଗ୍ରହ କରିବାକୁ ଅନୁରୋଧ।

ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ଆଶ୍ରମ ତଥା ଅନ୍ୟାନ୍ୟ ଅନେକ ସ୍ଥାନରୁ ବିଶିଷ୍ଟ ସାଧକମାନେ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି।

ଏଥି ନିମନ୍ତେ ଅନେକ ଅର୍ଥର ଆବଶ୍ୟକତା ରହିଛି। ସେଥିପାଇଁ ଓଡ଼ିଶାର ମାତୃପ୍ରେମୀମାନଙ୍କୁ କିଛିକିଛି ଆର୍ଥିକ ସାହାଯ୍ୟ ନିମନ୍ତେ ବିନମ୍ର ନିବେଦନ କରୁଅଛୁ। ଅର୍ଥ ପଠାଇବାର ଠିକଣା- ସମ୍ପାଦିକା, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩

ଏହି ସମ୍ମିଳନୀରେ ବାବାଜି ମହାରାଜଙ୍କ ଲିଖିତ **'ଅତିମାନସ ଓ ଦିବ୍ୟକର୍ମ'** ପୁସ୍ତକ ଆଲୋଚନା କରାଯିବ।

ସମ୍ମିଳନୀରେ ଯୋଗଦେବା ପାଇଁ ଆସୁଥିବା ପ୍ରତିନିଧିମାନଙ୍କୁ ନିଜନିଜର ଶୀତବସ୍ତ୍ର ସାଙ୍ଗରେ ଆଣିବାକୁ ଅନୁରୋଧ। ଦୟାକରି ସାନପିଲାମାନଙ୍କୁ ସାଙ୍ଗରେ ଆଣିବେ ନାହିଁ। ଏହି ସମ୍ମିଳନୀ ନିମନ୍ତେ **ପ୍ରତିନିଧି ଚାନ୍ଦା ୧୫ଟଙ୍କା** ମାତ୍ର ଧାର୍ଯ୍ୟ କରାଯାଇଅଛି।

ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ତଥା ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇମାନଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ। ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

**ଯୋଗାଯୋଗ:**
ଶ୍ରୀମତୀ ଅଞ୍ଜଳି ସିହ୍ନା - ୦୬୭୧-୨୩୪୫୫୫୫
ଡ: ବିଜୟିନୀ ମହାପାତ୍ର
(ଟିକି ଅପା) -୯୪୩୭୦୨୩୪୨୬

ଆପଣମାନଙ୍କର
ସମ୍ପାଦିକା
ଶ୍ରୀଅରବିନ୍ଦ ମହିଳା ପାଠଚକ୍ର
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ

THE MATRUBHABAN PATRA
RNI Regn. No. 65218/91

**OCTOBER 2011**
Registered OR/CK (C) -22/2009-11

# ଷୋଡ଼ଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ୨୦୧୧

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କିଣ୍ଡିରା, କୁଚିଣ୍ଡା, ସମ୍ବଲପୁର

ଷୋଡ଼ଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ୨୦୧୧, **ନଭେମ୍ବର ୬ ଓ ୭** ଦୁଇଦିନଧରି **ସମ୍ବଲପୁର ଜିଲ୍ଲାସ୍ଥ କୁଚିଣ୍ଡା ନିକଟରେ ଥିବା କିଣ୍ଡିରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର**ଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ସାମ୍ପ୍ରତିକ ପରିସ୍ଥିତିରେ ବାଳିକାମାନଙ୍କର "ଜୀବନର ଲକ୍ଷ୍ୟ ଓ ଜୀବନର ପୂର୍ଣ୍ଣତା ଲାଭର ଉପାୟ" ସମ୍ପର୍କରେ ଆଲୋଚନା କରାଯିବ । ଉକ୍ତ ସମ୍ମିଳନୀରେ ୧୨ ବର୍ଷରୁ ୧୯ ବର୍ଷର ବାଳିକାମାନଙ୍କ ସହ ଶିକ୍ଷାକେନ୍ଦ୍ରର ଜଣେ ଶିକ୍ଷୟିତ୍ରୀ ଯୋଗ ଦେବା ଆବଶ୍ୟକ । ଏଥିପାଇଁ କୌଣସି ପ୍ରତିନିଧି ଦେୟ ରଖାଯାଇ ନାହିଁ । । ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକମାନେ ଶିକ୍ଷାକେନ୍ଦ୍ର ଓ ଶ୍ରୀଅରବିନ୍ଦ ପାଠଚକ୍ରର ବାଳିକାମାନଙ୍କୁ ପଠାଇବାକୁ ବିଶେଷ ଅନୁରୋଧ ।

**ଯୋଗାଯୋଗ ଠିକଣା :**
ଶ୍ରୀମତୀ ଅଞ୍ଜଳି ସିହ୍ନା
ମାତୃଭବନ
କଟକ- ୭୫୩୦୧୩

ଇତି
ଆପଣଙ୍କର
ସୁପ୍ରଭା ନାୟକ
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
କିଣ୍ଡିରା
କୁଚିଣ୍ଡା, ସମ୍ବଲପୁର
ମୋ: ୯୭୭୮୧୯୧୦୮୧

**ସମ୍ପାଦକ - ଗଦାଧର ମିଶ୍ର** **ପରିଚାଳନା - ପ୍ରସାଦ**

Printed, Published & Edited by Sri Gadadhar Mishra on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753 013.

***E-mail - matrubhaban@bsnl.in*** ***Please visit us at : www.motherorissa.com***